

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୩୦୦ ● ୨୮ ନଭେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-300 ● 28th November 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କଲେ ରାଷ୍ଟ୍ରପତି

# ଆଚରଣ ଓ ଉଚ୍ଚାରଣ ମୂଲ୍ୟବାନ୍

ଭୁବନେଶ୍ୱର, ୨୭।୧୧
ନ୍ୟୁଜ୍ ବ୍ୟୁରୋ





ପ୍ରଥମଥର ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କୁ ସମ୍ବୋଧିତ କରିଛନ୍ତି।

ଏଥିସହ ବିଧାନସଭା ସହ ଜଡ଼ିତ ନିଜ ପୁରୁଣା ଦିନର ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇଛନ୍ତି। ସେ କହିଛନ୍ତି ବହୁ ବର୍ଷ ପରେ ଏହି ସ୍ଥାନର ପୁରୁଣା ସ୍ମୃତି ପୁଣି ଥରେ ଜୀବନ୍ତ ହୋଇଛି। ଏହି ଗୃହରେ ସେ ଜଣେ ବିଧାୟିକା ଭାବରେ ପ୍ରଶ୍ନ ପଚାରିଥିଲେ ଏବଂ ଜଣେ ମନ୍ତ୍ରୀ ଭାବରେ ବିଧାୟକମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ।

ରାଷ୍ଟ୍ରପତି କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ରାଷ୍ଟ୍ର ନିର୍ମାଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ଭୂମି ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ ହେବାର ସାକ୍ଷୀ ଥିଲା। ସେ ଆହୁରି ମଧ୍ୟ କହିଥିଲେ, ବିଦେଶୀ ଶାସନ ବିରୁଦ୍ଧରେ ଲଢ଼ି ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଦେଶ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି।

ରାଷ୍ଟ୍ରପତି କହିଥିଲେ, ଓଡ଼ିଶାରେ ମହିଳା ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହିଛି। ଏହା ଗର୍ବର ବିଷୟ ଯେ ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଏକ ଲମ୍ବା ଇତିହାସ ରହିଛି। ସ୍ୱାଧୀନତା ପୂର୍ବରୁ ଏବଂ ପରେ, ଓଡ଼ିଶାରେ ମହିଳା ପ୍ରତିନିଧିତ୍ୱ ବିନା କୌଣସି ବିଧାନସଭା ହୋଇନାହିଁ। ଓଡ଼ିଶାର ମହିଳାମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଦେଶକୁ ଗର୍ବିତ କରିଛନ୍ତି ବୋଲି ସେ କହିଥିଲେ ।

ରାଷ୍ଟ୍ରପତି କହିଥିଲେ, ଓଡ଼ିଶା ବିଧାନସଭା ଅନେକ ଜନ କଲ୍ୟାଣକାରୀ ଆଇନ ପାରିତ କରିଛି। ସପ୍ତଦଶ ବିଧାନସଭା ବହୁତ କମ ସମୟ ମଧ୍ୟରେ ଅନେକ ଫଳପ୍ରଦ ବୈଠକ ସମ୍ପାଦନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଏହି ବିଧାନସଭାରେ ଆଲୋଚନାର ଏକ ସୁସ୍ଥ ପରମ୍ପରା ରହିଛି ବୋଲି ସେ ସୂଚାଇଥିଲେ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ, ଓଡ଼ିଶା ଦ୍ରୁତ ପ୍ରଗତି କରୁଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆ ଗୋଷ୍ଠୀର ବିକାଶ, ଗୃହ ନିର୍ମାଣ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କ୍ଷେତ୍ରରେ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ସେ ଓଡ଼ିଶା ସରକାରଙ୍କ ପ୍ରଶଂସା କରିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟା ଏକ ନୂତନ ରୂପ ନେଉଛି ବୋଲି ସେ ଖୁସି ପ୍ରକାଶ କରିଥିଲେ।

ରାଷ୍ଟ୍ରପତି କହିଥିଲେ, ପ୍ରକୃତି ଓଡ଼ିଶାକୁ ସମସ୍ତ ପ୍ରକାରର ଦାନ ଦେଇ ଆଶୀର୍ବାଦ କରିଛି। ଏହି ରାଜ୍ୟ ପ୍ରଚୁର ଖଣିଜ ଭଣ୍ଡାର, ଜଙ୍ଗଲ ଏବଂ ଜଳସମ୍ପଦ ସହିତ ମାନବ ସମ୍ବଳରେ ଆଶୀର୍ବାଦପ୍ରାପ୍ତ। ଓଡ଼ିଶାର ପରିବେଶ କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଅତ୍ୟନ୍ତ ଅନୁକୂଳ। ଏହି ସମସ୍ତ ସୁବିଧାର ଉପଯୋଗ କରି ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରାଯାଇପାରିବ।

ରାଷ୍ଟ୍ରପତି କହିଥିଲେ, ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରାଯିବ। ଯଦି ସମସ୍ତ ଅଂଶୀଦାରମାନେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଏକାଠି କାମ କରିପାରିବେ, ତେବେ ଏହା ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବାରେ ଓଡ଼ିଶାର ସର୍ବୋତ୍ତମ ଅବଦାନ ହେବ। ସମସ୍ତେ 'ପ୍ରଥମେ ରାଷ୍ଟ୍ର' ମନୋଭାବ ସହିତ କାମ କରିବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ ।

ରାଷ୍ଟ୍ରପତି କହିଥିଲେ, ବିଧାୟକମାନେ ହେଉଛନ୍ତି ଜନପ୍ରତିନିଧି। ଓଡ଼ିଶାର ଲୋକଙ୍କର ସେମାନଙ୍କ ଉପରେ ଅପାର ଆଶା ଓ ବିଶ୍ୱାସ ରହିଛି ଏବଂ ସେମାନେ ସେମାନଙ୍କୁ ଏକ ବଡ଼ ଦାୟିତ୍ୱ ଦେଇଛନ୍ତି। ନାଗରିକଙ୍କ ଆଶା ପୂରଣ କରିବା, ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ସମସ୍ତ ବିଧାୟକଙ୍କ କର୍ତ୍ତବ୍ୟ।

ରାଷ୍ଟ୍ରପତି କହିଥିଲେ, ବର୍ତ୍ତମାନ ପ୍ରଯୁକ୍ତିର ଯୁଗ। ଜନପ୍ରତିନିଧି ଭାବରେ, ବିଧାୟକମାନଙ୍କର ଅନେକ ପ୍ରଶଂସକ ଏବଂ ଅନୁଗାମୀ ଅଛନ୍ତି। ସେମାନେ କ'ଣ କୁହନ୍ତି ଏବଂ କ'ଣ କରନ୍ତି ତାହା ଜାଣିବାକୁ ସେମାନେ ଆଗ୍ରହୀ। ସେମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ଅମୂଲ୍ୟ। ବିଧାୟକମାନେ ଗୃହ ଭିତରେ ଏବଂ ବାହାରେ କ'ଣ କୁହନ୍ତି ଏବଂ କିପରି କୁହନ୍ତି, ତାହା ସମସ୍ତଙ୍କୁ ଜଣା। ସେମାନଙ୍କର ଆଚରଣ ଏବଂ ଉଚ୍ଚାରଣ ଏପରି ହେବା ଉଚିତ ଯାହାଦ୍ୱାରା ସେମାନଙ୍କୁ ଅନୁସରଣ କରି ସେମାନଙ୍କ ପ୍ରଶଂସକ ଏବଂ ଅନୁଗାମୀମାନେ ସମାଜ ଓ ରାଜ୍ୟ ଗଠନରେ ସାହାଯ୍ୟ କରିପାରିବେ ବୋଲି ରାଷ୍ଟ୍ରପତି କହିଥିଲେ। (ପୃଷ୍ଠା ୭ରେ)

## ଦେଶର ପ୍ରଥମ ଘରୋଇ ରକେଟ୍ ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୭।୧୧



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦେଶର ପ୍ରଥମ ଘରୋଇ ରକେଟ ବିକ୍ରମ-୧ ଉନ୍ମୋଚନ କରିଛନ୍ତି । ମୋଦୀ ହାଇଦ୍ରାବାଦରେ ସ୍କାଏରୁଟ୍ ଏରୋସ୍ପେସର ଇନଫିନିଟି କ୍ୟାମ୍ପସ୍ ଉଦଘାଟନ କରିଛନ୍ତି ଏବଂ ବିକ୍ରମ-୧ ଉନ୍ମୋଚନ କରିଛନ୍ତି। ଏହା ଭାରତର ପ୍ରଥମ ଘରୋଇ ରକେଟ ଯାହା କକ୍ଷପଥରେ ଉପଗ୍ରହ ସ୍ଥାପନ କରିବାରେ ସକ୍ଷମ ହେବ।

ଅତ୍ୟାଧୁନିକ ସୁବିଧା ସହିତ କ୍ୟାମ୍ପସଟି ୨୦୦,୦୦୦ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ । ଏଥିରେ ଏକାଧିକ ପ୍ରକ୍ଷେପଣ ଯାନର ଶେଷ-ରୁ-ଶେଷ ବିକାଶ, ସମନ୍ୱୟ ଏବଂ ପରୀକ୍ଷଣ ପାଇଁ ଡିଜାଇନ୍ କରାଯାଇଛି, ଯାହା ପ୍ରତି ମାସରେ ଗୋଟିଏ କକ୍ଷପଥ ରକେଟ୍ ଉତ୍ପାଦନ କରିବାର କ୍ଷମତା ରଖିଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଭର୍ଚ୍ୟୁଆଲ୍‌ରେ ଯୋଗ ଦେଇ ଉଦ୍‌ଘାଟନ କରିବା ସହ ସମ୍ବୋଧିତ କରିଥିଲେ । ମୋଦୀ, ଦଶନ୍ଧି ଧରି ଭାରତର ମହାକାଶ ଯାତ୍ରାକୁ ଶକ୍ତିଶାଳୀ କରିବା ପାଇଁ ଇସ୍ରୋକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଏହାର ବିଶ୍ୱସନୀୟତା, କ୍ଷମତା ଏବଂ ଏକ ସ୍ୱତନ୍ତ୍ରତା ବିଶ୍ୱରେ ପରିଚୟ ସୃଷ୍ଟିକରିଛି ।

## ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ପ୍ରଥମ ସ୍ଥାନ ଅଧିକାର କଲା ଓଡ଼ିଶା : ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧୧ : ନ୍ୟୁଜ୍ ବ୍ୟୁରୋ

ନୂଆଦିଲ୍ଲୀରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୫ରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ଗୋଲ୍ଡ ମେଡାଲ ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଅବସରରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ ତରଫରୁ ଗୁରୁବାର ଏହି ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଖୁସି ପ୍ରକାଶ କରିବା ସହିତ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ମର୍ଯ୍ୟାଦାକୁ ବୃଦ୍ଧି କରିବା ଦିଗରେ ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା । (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଅସମର୍ଥ ନାଗରିକଙ୍କୁ ଅପମାନ କରିବା ବିରୋଧରେ କଡ଼ା ଆଇନ ପ୍ରସ୍ତୁତ ପାଇଁ ସରକାରକୁ ଶୀର୍ଷ ନ୍ୟାୟାଳୟ ନିର୍ଦ୍ଦେଶ।
- ଛତିଶଗଡ଼ର ସୁକମାରେ ବିସ୍ଫୋରଣ : ମହିଳା କର୍ମଚାରୀ ଆହତ।
- ଦେଶର ପ୍ରମୁଖ ସହରଗୁଡ଼ିକରେ ବାୟୁପ୍ରଦୂଷଣ ନେଇ ଚିନ୍ତା।
- ରାଜ୍ୟରେ ୨୦ଟି ପ୍ରକଳ୍ପ ଅନୁମୋଦନ ହଜାରେ ଚାକିରି ସୃଷ୍ଟି ହେବ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୭୫ (-୧୬)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୧୦ (-୧୫)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୫୮୨ (-୧୨)

### ରୁପା ଦର

ରୁପା – ପ୍ରତି ଗ୍ରାମ ୧୮୦ (+୪)

## ଶିକ୍ଷକ ବଦଳି ନେଇ ସରକାରୀ ଆଦେଶନାମା ହାଇକୋର୍ଟରେ ଖାରଜ

କଟକ, ୨୭।୧୧ : ନ୍ୟୁଜ୍ ବ୍ୟୁରୋ

ସରକାରୀ ସ୍କୁଲରେ ଶିକ୍ଷକ ବଦଳି ପାଇଁ ସାଂସଦ ଓ ବିଧାୟକ ସୁପାରିଶ କରିପାରିବେ ନାହିଁ। ଏଭଳି ସୁପାରିଶ ଦ୍ୱାରା ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପ ହେବ। ସେ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ଚାକିରୀ ନିୟମାବଳି ଅନୁସାରେ ସରକାରୀ ସ୍କୁଲରେ ଶିକ୍ଷକ ବଦଳି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଗୁରୁବାର ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏହି ସଂକ୍ରାନ୍ତୀୟ ଏକାଧିକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୫ ମେ ୧୩ ତାରିଖରେ ଜାରି ନିର୍ଦ୍ଦେଶନାମାକୁ ଖାରଜ କରିଦେଇଛନ୍ତି। ଏଥିସହ ଏହି ମାମଲାରେ ହାଇକୋର୍ଟ ଶିକ୍ଷକ ବଦଳି ଉପରେ ଗତ ଜୁଲାଇ ମାସରେ ଦେଇଥିବା ଅନ୍ତରୀଣ (ପୃଷ୍ଠା ୭ରେ)

## ୩୬ ଜଣଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ

କଟକ, ୨୭।୧୧ : ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ବେଳେ ଦରମା ବନ୍ଦ ପ୍ରସଙ୍ଗରେ କଟକ ଜିଲ୍ଲା ପ୍ରଶାସନର ଆଭିମୁଖ୍ୟକୁ ନେଇ ଖପ୍ପା ହୋଇଥିଲେ। ପରବର୍ତ୍ତୀ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାନି ସଂଶୋଧନ ତାଲିକା ଜାରି କରାଯାଇଛି । (ପୃଷ୍ଠା ୭ରେ)

## ସୃଷ୍ଟି ହେଲା ଗଭୀର ଅବପାତ: ୧୨ ଘଣ୍ଟାରେ ବାତ୍ୟା ସମ୍ଭାବନା

ଭୁବନେଶ୍ୱର, ୨୭।୧୧ : ନ୍ୟୁଜ୍ ବ୍ୟୁରୋ

ପୁଣି ବାତ୍ୟା ଭୟ। ସୃଷ୍ଟି ହେଲା ଗଭୀର ଅବପାତ। ଆଗାମୀ ୧୨ ଘଣ୍ଟାରେ ବାତ୍ୟା ସମ୍ଭାବନା ବୃଦ୍ଧି ପାଇବାରେ ଲାଗିଛି। ଶ୍ରୀଲଙ୍କା ପାର୍ଶ୍ୱବର୍ତ୍ତୀ ଭାରତ ମହାସାଗରରେ ଅବପାତ ସୃଷ୍ଟି ହୋଇଛି। ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କେନ୍ଦ୍ରୀଭୂତ ହେବାର ସମ୍ଭାବନା ରହିଛି। ଉତ୍ତର ଉତ୍ତରପଶ୍ଚିମକୁ ଗତି କରି ଅଧିକ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହୋଇପାରେ। ଏହା ଉତ୍ତର ତାମିଲନାଡୁ, ପୁଡୁଚେରୀ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଆଡକୁ ମୁହାଁଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ

# ରାଜନୈତିକ ଇଚ୍ଛାଶକ୍ତି ସହିତ ପ୍ରଶାସନିକସ୍ତରରେ ଆନ୍ତରିକତା ଲୋଡ଼ା



ଭୁବନେଶ୍ୱର, ୨୭।୧୧
(ଲକ୍ଷ୍ମୀ ଚାନ୍ଦ)

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ କେବଳ ଯେ ରାଜନୈତିକ ଇଚ୍ଛାଶକ୍ତି ରହିଛି ତାହା ନୁହେଁ, ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶାସନିକ ସ୍ତରରେ ଯଥେଷ୍ଟ ଆନ୍ତରିକତା ଲୋଡା ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

ଏ ସମ୍ପର୍କରେ 'ସମ୍ବାଦ କଳିକା'କୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ନାଲକୋର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଅଶୋକ ରଥ କହିଛନ୍ତି ଯେ ୨୦୨୦ରୁ ୨୦୨୪ ମଧ୍ୟରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ବହୁ ଖ୍ୟାତିସଂପନ୍ନ ଶିଳ୍ପ ପ୍ରତିଷ୍ଠାନଗୁଡିକ ଆଗେଇ ଆସିଥିଲେ । ସୁତରାଂ ୨୦୨୦ରୁ ୨୦୨୪ ମଧ୍ୟରେ ପ୍ରାୟ ୫୧୨ଟି ମେମୋରେଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (MOU) ନିଷ୍ପାଦନ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ୫୧୨ଟି MOU ମଧ୍ୟରୁ ମାତ୍ର ୩୦ଟି MOU କାର୍ଯ୍ୟକାରୀ ହୋଇ କିଛି କିଛି ଶିଳ୍ପ ସଂସ୍ଥା ସେମାନଙ୍କ କାର୍ଯ୍ୟ ଆରମ୍ଭ କରିଥିଲେ । ସରକାରୀ ସ୍ତରରେ ସିଙ୍ଗଲ ୱିଣ୍ଡୋ ସିଷ୍ଟମ କାର୍ଯ୍ୟକାରୀ କରୁଛି ବୋଲି କୁହାଯାଉଥିଲେ ମଧ୍ୟ ଶିଳ୍ପପତିମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନାଗ୍ରହ ପ୍ରକାଶ କରୁଛନ୍ତି ଓ ଏଥିରୁ ଓହରି ଯାଉଛନ୍ତି । ତାର କାରଣକୁ ପ୍ରଶାସନିକ ସ୍ତରରେ ବିଶ୍ଳେଷଣ କରିବାର ଆବଶ୍ୟକତାକୁ ଉପଲବ୍ଧି କରାଯାଉଛି । ଯେଉଁ ବରିଷ୍ଠ ଯୁକ୍ତି ଓ ଲଜିକ୍‌କୁ ଆଧାର କରି ଏହି ଶିଳ୍ପପତିମାନେ ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟାରୁ ବ୍ୟାକ୍‌ଆଉଟ୍ କରୁଛନ୍ତି ତଥା ଶିଳ୍ପ ଆରମ୍ଭ କରୁନାହାନ୍ତି ତାହା ଏକ ସମସ୍ୟା ସୃଷ୍ଟି କରିଛି । ଏହି ସମସ୍ୟା ସମାଧାନ ଯଦି ଉଭୟ ରାଜନୈତିକ ଓ ପ୍ରଶାସନିକ ସ୍ତରରେ କରାନଯାଏ ତେବେ ପ୍ରଶାସନିକ ଆନ୍ତରିକତା ଅଭାବରୁ ସରକାରଙ୍କ ପାଇଁ ଏହା ଏକ



ଆହ୍ୱାନରେ ପରିଣତ ହେବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ । MOU ନିଷ୍ପାଦନ କ୍ଷେତ୍ରରେ ଓ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଯେଉଁ କାରଣରୁ ସମସ୍ୟା ସୃଷ୍ଟି ହେଉଛି ବୋଲି ଅନୁଭବ କରାଯାଉଛି ତାହାର ବିଶ୍ଳେଷଣାତ୍ମକ ସମାଧାନ କରାନଗଲେ ଏମ୍‌ଓୟୁ ଦସ୍ତଖତ କେବଳ ଦସ୍ତଖତ ଆକାରରେ ହିଁ ରହିଯିବା ସାର ହେବ, ଆଉ କିଛି ନୁହେଁ । ପୂର୍ବ ସରକାରଙ୍କ ଅମଳରେ ଏଇଭଳି MOU ଦସ୍ତଖତ ପ୍ରକ୍ରିୟାକୁ ରାଜ୍ୟର ବିଜ୍ଞବ୍ୟକ୍ତିମାନେ ରାଜ୍ୟବାସୀଙ୍କୁ ବୋକା ବନେଇବାର ଅଭ୍ୟାସ ଅନୁସରଣ (ପୃଷ୍ଠା ୭ରେ)



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଅଙ୍ଗ ପ୍ରତିରୋପଣରେ ଭାରତ ସବୁଠୁ ଆଗରେ

ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆମେରିକା ସମେତ ଅନେକ ଦେଶକୁ ପଛରେ ପକାଇ ଭାରତ ଆଗୁଆ ରହିଛି । ଏଥି ସହିତ, ଏହା ବିଶ୍ୱର ଶ୍ରେଷ୍ଠ ଦଶ ଦେଶ ମଧ୍ୟରେ ତୃତୀୟ ସ୍ଥାନରେ ପହଞ୍ଚିଛି । କେବଳ ଏତିକି ନୁହେଁ, ୭୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ମୃତ ଦାତାମାନଙ୍କଠାରୁ ସ୍ଥାନାନ୍ତରିତ ଅଙ୍ଗ ସଂଖ୍ୟା ଏକ ହଜାର ସଂଖ୍ୟା ଅତିକ୍ରମ କରିଛି । ତେବେ ଅଙ୍ଗ ପ୍ରତିରୋପଣର ଏହି ସଂଖ୍ୟାରେ ସରକାର ସନ୍ତୁଷ୍ଟ ନୁହଁନ୍ତି । ନ୍ୟାଶନାଲ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ (ନୋଟୋ)ର ନିର୍ଦ୍ଦେଶକ ଡକ୍ଟର ଅନିଲ କୁମାର କହିଛନ୍ତି ୨୦୨୩ ମସିହାରେ ଭାରତୀୟ ଡାକ୍ତରଖାନାଗୁଡ଼ିକ ଗୋଟିଏ ବର୍ଷରେ ୧୬,୯୪୧ ଅଙ୍ଗ ପ୍ରତିରୋପଣ କରିଛନ୍ତି । ସେଥିମଧ୍ୟରେ ୧୨,୩୪୩ କିଡନୀ, ୪,୧୬୦ ଯକୃତ, ୨୧୫ ହୃଦୟ, ୧୮୯ ଫୁସଫୁସ, ୨୦ ଟି ଅଗ୍ନାଶୟ ଏବଂ ୧୪ ଟି କ୍ଷୁଦ୍ର ଅନ୍ତନଳୀ ପ୍ରତିରୋପଣ ଅନ୍ତର୍ଭୁକ୍ତ ହୋଇଥିଲା । କିନ୍ତୁ ମୃତ୍ୟୁ ପରେ ଟ୍ରାନ୍ସପ୍ଲାଣ୍ଟ ବିଷୟରେ କହିବାକୁ ଗଲେ, ୧୬,୯୪୧ ପ୍ରତିରୋପଣ ମଧ୍ୟରୁ କେବଳ ୧,୦୬୨ ମୃତ୍ୟୁ ପରେ ପ୍ରାପ୍ତ ଅଙ୍ଗରୁ କରାଯାଇଥିଲା । ଡକ୍ଟର କୁମାର କହିଛନ୍ତି, ମୃତ୍ୟୁ ପରେ ଦାତାମାନଙ୍କଠାରୁ ଅଙ୍ଗ ସଂଗ୍ରହ କରିବାରେ ଭାରତ ବହୁ ପଛରେ ଅଛି । ଏଥିପାଇଁ ଲୋକମାନେ ନିଜ ଶରୀର ଦାନ କରିବାକୁ ଆଗକୁ ଆସିବା ଉଚିତ । ଡ. କୁମାର କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ କି ବାତ କାର୍ଯ୍ୟକ୍ରମରେ ଅଙ୍ଗ ଦାନ ଏବଂ ପ୍ରତିରୋପଣ ବିଷୟରେ ଅନେକ ଥର ଆଲୋଚନା କରିଛନ୍ତି । ଏହାର ଫଳ ସ୍ୱରୂପ, ଭାରତ ଆମେରିକା, ଇଟାଲୀ, ଫ୍ରାନ୍ସ ପରି ଦେଶଗୁଡ଼ିକୁ ଅଙ୍ଗ ଦାନରେ ପଛରେ ପକାଇ ଦେଇଥିଲା । ତେବେ ଏହି ଚାହିଦାକୁ ନେଇ ସରକାର ଖୁସି ନୁହଁନ୍ତି କାରଣ ଦେଶରେ ଚାହିଦା ଏବଂ ଯୋଗାଣ ମଧ୍ୟରେ ଏକ ବିରାଟ ବ୍ୟବଧାନ ରହିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଦାଖଲ ହୋଇଥିବା ରିପୋର୍ଟରେ ନୋଟୋ ଦର୍ଶାଇଛନ୍ତି ଚାହିଦା ଏବଂ ଯୋଗାଣ ମଧ୍ୟରେ ଏକ ବଡ଼ ବ୍ୟବଧାନ ରହିଛି । ଭାରତ ପ୍ରତିବର୍ଷ ଦୁଇ ଲକ୍ଷ କିଡନୀ ପ୍ରତିରୋପଣ ଆବଶ୍ୟକ କରେ, କିନ୍ତୁ ୨୦୨୩ ମସିହାରେ ୧୨,୩୪୩ ଟ୍ରାନ୍ସପ୍ଲାଣ୍ଟ ହୋଇଥିଲା, ସେଥିମଧ୍ୟରୁ ୧,୬୧୩ କିଡନୀ ମୃତ ଦାତାମାନଙ୍କଠାରୁ ଆସିଥିଲା । ଅର୍ଥାତ ପ୍ରତି ୧୦୦ ରୋଗୀଙ୍କ ମଧ୍ୟରୁ ପ୍ରାୟ ୬ ଜଣ କିଡନୀ ପାଇଥିଲେ । ଡକ୍ଟର କୁମାର କହିଛନ୍ତି ଦେଶରେ ହୃଦଘାତ ହେତୁ ପ୍ରତିବର୍ଷ ୮୦ ହଜାର ରୋଗୀଙ୍କୁ ଟ୍ରାନ୍ସପ୍ଲାଣ୍ଟ ତାଲିକାରେ ଯୋଡାଯାଉଛି, ମାତ୍ର ୨୦୨୩ ମସିହାରେ କେବଳ ୨୧୫ ହୃଦୟ ପ୍ରତିରୋପଣ କରାଯାଇଥିଲା । ଏହାର ଅର୍ଥ ୫୦୦ରୁ କେବଳ ଜଣେ ରୋଗୀ ହୃଦୟ ପ୍ରାପ୍ତ କରୁଛନ୍ତି । ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମୃତ୍ୟୁ ପରେ ଅଙ୍ଗ ଦାନ କାରଣ ଏହା ହୃଦୟ, ଫୁସଫୁସ, ଅଗ୍ନାଶୟ ଏବଂ କ୍ଷୁଦ୍ର ଅନ୍ତନଳୀ ସହିତ ବିଭିନ୍ନ ପ୍ରକାରର ଅଙ୍ଗ ଗ୍ରହଣ କରି ଏକ ସମୟରେ ଅତି କମରେ ଆଠଟି ଜୀବନ ରକ୍ଷା କରିପାରିବ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ



ଶ୍ରୀ ଅଭିରାମ ସରସ୍ୱତୀ

ତୃତୀୟ ଅଧ୍ୟାୟ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ । (୧)
ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି । (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି । (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି । (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି । (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ । (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)
(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୪୫)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ପ୍ରଥମ ସର୍ତ୍ତରେ ମୋ ପିତାଙ୍କର ସମସ୍ତ ଭୂସଂପତ୍ତିକୁ ରାଜାଙ୍କୁ ଦେଇଦେବେ । ଦ୍ୱିତୀୟ ସର୍ତ୍ତଟି ହେଲା ଆମେ ଯେତେଦିନ ପର୍ଯ୍ୟନ୍ତ ଏ କୁଜଙ୍ଗ ରାଜ୍ୟରେ ବଞ୍ଚିଥିବୁ, ସେତେଦିନ ପର୍ଯ୍ୟନ୍ତ ଆମ ଘରେ କୌଣସି ଅତିଥିଙ୍କୁ ଆମେ ଆଶ୍ରୟ ଦେବୁ ନାହିଁ । କେବଳ ଭିକ୍ଷା ମାଗି ଆମେ ଜୀବନ ଧାରଣ କରିବୁ । ଇଏଥିଲା ମୋର ନିରୀହ ପିତାଙ୍କ ପ୍ରତି କୁଜଙ୍ଗରାଜ୍ୟର ରାଜାଙ୍କ କଠୋର ନିର୍ଦ୍ଦେଶ । ମୋର ପିତା ବାଧ୍ୟ ହେଲେ ରାଜାଙ୍କର ଏହି ଅବିଚାରିତ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ନଚେତ୍ ଆମର ମୁଣ୍ଡ କାଟ ହୋଇଯାଇଥାନ୍ତା । ଆଜି ସକାଳୁ ଯେତେବେଳେ ରାଜା ତୁମକୁ ଭେଟିବା ପାଇଁ ଆସିଥିଲେ, ରାଜାଙ୍କର କଠୋର ନିର୍ଦ୍ଦେଶରେ ଆମର ସର୍ବନାଶ ହୋଇଯାଇଥାନ୍ତା କିନ୍ତୁ ମହାରାଣୀଙ୍କ ନିର୍ଦ୍ଦେଶରେ ଯେତେବେଳେ ଆମ ଗୃହରେ ଅବସ୍ଥାନ କରୁଛନ୍ତ, ତେଣୁ ରାଜା ଆଉ କିଛି କରିପାରିଲେ ନାହିଁ । ରାଜାଙ୍କର କଠୋର ନିର୍ଦ୍ଦେଶରେ ଆମର ସମସ୍ତ ଭୂସଂପତ୍ତିକୁ ରାଜା ଅଧିକାର କରିନେଲେ ଓ ସେହିଦିନଠାରୁ ଆମ ଗୃହକୁ କୌଣସି ଅତିଥି ଆସନ୍ତିନି । ଆମର ଏହି ଦୁର୍ଭାଗ୍ୟ ଜନକ ଘଟଣା ପରେ ଆପଣ ହେଉଛନ୍ତି ପ୍ରଥମ ଅତିଥି, ଯିଏକି ଦୁଇଦିନ ପର୍ଯ୍ୟନ୍ତ ଅବସ୍ଥାନ କଲେଣି । ହେ ସନ୍ନ୍ୟାସୀ, ଠିକ୍ ତୁମରି ଭଳି ମୋର ସ୍ୱାମୀଙ୍କର ରୂପ । କୌଣସି ମତେ ଯଦି ଏ ରାଜା ବିରକ୍ତି ଅବସ୍ଥାକୁ ଆସିଯିବ ଆଉ



ରାକ୍ଷସୀୟ ପ୍ରବୃତ୍ତିକୁ ଚରିତାର୍ଥ କରିବା ପାଇଁ ଆଗଭଳି ହୋଇଯିବ, ତେବେ ତୁମର ମୃତ୍ୟୁ ସୁନିଶ୍ଚିତ । ତେଣୁ ଏହାକୁ ଆଉ ମୁଁ ସହ୍ୟ କରିପାରିବି ନାହିଁ । ଏ ନିଷ୍ଠୁର ରାଜା ଉପରେ ମୋର ଭରସା ନାହିଁ । ତୁମର ଜୀବନକୁ ସବୁଠାରୁ ସର୍ବଶ୍ରେଷ୍ଠ ସଂପତ୍ତି ମନେ କରି ମୋ ବାସର ରାତିର ସେହି ପାଟବସ୍ତ୍ର, ଶଙ୍ଖା, ସିନ୍ଦୂର ଓ ସମସ୍ତ ଗହଣାକୁ ସାଥିରେ ଧରି ଏହି ଆଖିଫୁଟା ନଦୀରେ ଆତ୍ମ ବିସର୍ଜନ ପାଇଁ ଚାଲି ଆସିଲି ।"

କଞ୍ଚନାଙ୍କ ଜୀବନର ଏହି ଭୟାବହ ହୃଦୟ ବିଦାରକ ଘଟଣାକୁ ଶୁଣି ବିଶର ପଥର ପାଲଟି ଯାଇଥିଲେ । ବିଶର କହିଲେ " ହେ କଞ୍ଚନା ! କୌଣସି ଶାସ୍ତ୍ର କିମ୍ବା ଈଶ୍ୱର, ସ୍ୱାମୀର ଚିତାରେ ଝାସ ଦେବାପାଇଁ କହିନାହାନ୍ତି । ଏହା ହେଉଛି ସେହି ପିଶାଚ ଚରିତ୍ରକୁ ବହନ କରୁଥିବା କିଛି ହୃଦୟହୀନ ବ୍ୟକ୍ତିମାନଙ୍କର ବିଭତ୍ସ ମାନସିକତା । ତୁମକୁ ଈଶ୍ୱର ବଞ୍ଚାଇଛନ୍ତି । ତୁମେ ଆଜି ସେହି ପାଟବସ୍ତ୍ର, ଶଙ୍ଖା, ସିନ୍ଦୂର ମୋ ସମ୍ମୁଖରେ ପିନ୍ଧ । ଆଜି ହିଁ ତୁମେ ବିବାହ କରିବ । ତୁମେ ଆଜିଠାରୁ ସଧବା ।" ବିଶରଙ୍କ ନିର୍ଦ୍ଦେଶରେ କପାଳରେ ସିନ୍ଦୂର ପିନ୍ଧିଲେ କଞ୍ଚନା । ପିନ୍ଧିଲେ ଶାଢି ଆଉ ଶଙ୍ଖା । କଞ୍ଚନାର ହାତଧରି ନେଇ ଆସିଲେ ବିଶର ବ୍ରହ୍ମମଣୀ ମୁଦିତ ମୃଦଙ୍ଗ ନିକଟକୁ । ସେହି ମୃଦଙ୍ଗ ଉପରେ କଞ୍ଚନାର ହାତଥାପି କହିଲେ " ହେ କଞ୍ଚନା ! ଅନନ୍ତ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା ଏହି ଜଗନ୍ନାଥ ହେଲେ ଆଜିଠାରୁ ତୁମର ସ୍ୱାମୀ, ତୁମର ସର୍ବସ୍ୱ, ମୋ କଥା ଚିନ୍ତା କରନା । ଆସନ୍ତାକାଲି ଠାରୁ ତୁମର ସମସ୍ତ କଥା ପୂରଣ ହେବ । ସେଥିପାଇଁ ତୁମେ ନିଶ୍ଚିତ ରୁହ ।

ପ୍ରସଙ୍ଗଟିକୁ କିଛି ସମୟ ପାଇଁ ବିରାମ ଦେଇ ଆମେ ବିଷୟ ବସ୍ତୁର ପ୍ରତିଫଳନର କୁଜଙ୍ଗ ଇତିହାସକୁ କିପରି ଅଗେଇ ନେବାକୁ ଆମକୁ ବାଧ କରୁଛି, ତାହାର କେତେକ ମାର୍ମିକ ଆଉ ଗୁରୁତ୍ୱପୂର୍ଣ୍ଣ ଝଲକ ଏଠାରେ ଉପସ୍ଥାପନା କରୁଛୁ । (କ୍ରମଶଃ)

# ରୋଗଭୋଗ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଗୋଟେ କିଛି ଜବରଦସ୍ତ-ଶୁଭୁଥିବା ରୋଗ ନଥିଲେ ଜଣେ ବଡ଼ଲୋକ ହେଲାଣି ବୋଲି ଜଣା ପଡ଼େନି । ଏଟା ମୋ ପିଲାଦିନର ସାଙ୍ଗ ନବଘନର ଥିଓରି । ଦିନେ ସାନ୍ଧ୍ୟ ଆସରରେ ସେ ଏ ଫଣ୍ଡାଟି ଦେଲା । କହିଲା, ଦେଖ ଭାରତରେ ଯିଏ ବି ବଡ଼ ଲୋକ ତାର କିଛି ନା କିଛି ଭାରି ଭାରି ଶୁଭୁଥିବା ରୋଗ ଅଛି । ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କୁ ଦେଖ । ଆଣ୍ଠୁରେ କଣ ଏମିତି ହେଲା ଯେ ଆମେରିକାରୁ ଡାକ୍ତର ଆସିଲେ ଅସ୍ତ୍ରୋପଚାର କରିବାକୁ । ମାସେ ଧରି ସେକଥା ସମ୍ବାଦପତ୍ରର ଶିରୋନାମାରେ ରହିଲା । ଅମିତାଭ ବଚ୍ଚନଙ୍କୁ ଦେଖ । ମାଇନ୍‌ଥେସିଆ ଗ୍ରାଭିସ୍ ବୋଲି ଏକ ବିରଳ ମାଂସପେଶୀର ରୋଗ ହେଲା । ସାରା ପୃଥିବୀ ଜାଣିଲା । ମନମୋହନ ସିଂହଙ୍କୁ ସେମିତି କିଛି ବଡ଼ ରୋଗ ନ ହୋଇ ସେ ଚାଲିଗଲେ, କେତେଟା ଲୋକ ଜାଣିଲେ ! ଆମର ବି କିଛି ଭାରି ରୋଗ ଦରକାର, ତାହେଲେ ଯାଇ ଲୋକ ଜାଣିବେ ଆମେ ବି ମହାନ ବ୍ୟକ୍ତିତ୍ୱ । କିଛି ନ ହେଲେ ଡାଇବେଟିସ୍ ହେଉ । ଜାଣିଛୁ ଡାଇବେଟିସ୍ ବା ମଧୁମେହକୁ ବଡ଼ଲୋକଙ୍କ ରୋଗ ବୋଲି କହନ୍ତି ।

ମୁଁ କହିଲି, ବଡ଼ଲୋକଙ୍କ ରୋଗ? ଏବେ ପରା ଖବରକାଗଜରେ ପଢୁଥିଲି ଭାରତରେ ପ୍ରତି ସାତଜଣରେ ଜଣକୁ ଡାଇବେଟିସ୍ ।

- ଆରେ ତାର ଅର୍ଥ ହେଲା ଭାରତ ଉନ୍ନତି କଲାଣି । ଇଣ୍ଡିଆ ସାଇନିଂ । ଭାରତରେ ବି ଡାଇବେଟିସ୍ ହେଲାଭଳି ବଡ଼ଲୋକଙ୍କ ସଂଖ୍ୟା ବଢ଼ିଲାଣି । ହାୟ ହାୟ ଏ ଆଇଡିଆଟା ବିଜେପି ବାଲାଙ୍କୁ ଆଗରୁ ଦେଇଥିଲେ ସେମାନେ ଏହାକୁ ଭାରତ ଉଦୟ ବିଜ୍ଞାପନରେ ବ୍ୟବହାର କରିଥାନ୍ତେ ।

ମୋର କିଛି ରୋଗ ନାହିଁ । ମୁଁ ବେଶ ସୁସ୍ଥ ଆଉ ନିରୋଗ । ମାମୁଲି ସର୍ଦ୍ଦିଜ୍ୱର, ଥଣ୍ଡା କାଶ ଛଡ଼ା ତାକୁ ଆଉ କିଛି ହୋଇଥିଲା ପରି ମନେ ପଡ଼େନି । ଏଥିକୁ ମୁଁ ଭାରି ଖୁସି ଥିଲି । ହେଲେ ନବଘନର କଥା ମୋର ଖୁସିର ମେଜାଜ୍‌ଟାକୁ ଦୋହଲାଇଦେଲା ।

ଏତେଦିନ ମୁଁ ଲକ୍ଷ୍ୟ କରିନଥିଲି, ଏବେ ଦେଖିଲି, ମୋ ଚାରିପାଖର ଅଧିକାଂଶ ଲୋକ, କି ନାରୀ କି ପୁରୁଷ, ଅଧିକାଂଶ ସମୟରେ ନିଜ ରୋଗ ବୈରାଗ ବିଷୟରେ ହିଁ କଥା ହୁଅନ୍ତି । ବୁଲିବା ପାଇଁ ସମୁଦ୍ରକୂଳକୁ ଆସି ସାନ୍ଧ୍ୟଭ୍ରମଣ କରୁ କରୁ ବି ସେମାନେ ସୁନୀଳ ସମୁଦ୍ର, ସେଥିରେ ଭାସମାନ ପାଲଟଣା ଡଙ୍ଗା, ଲୋହିତ ଆଭାରେ ଦିଗ୍‌ବଳୟକୁ ରଙ୍ଗେଇ ଅସ୍ତ ଯାଉଥିବା ସୂର୍ଯ୍ୟ- ଏସବୁ ଆଶ୍ଚର୍ଯ୍ୟ ସୁନ୍ଦର ଦୃଶ୍ୟ ନ ଦେଖି ଲଗାତାର ନିଜ ରୋଗଭୋଗ ବିଷୟରେ କଥା ହୁଅନ୍ତି । ବେଳାଭୂମିର ସ୍ୱର୍ଣ୍ଣାଭ ବାଲୁକାରାଶି ଦେଖିଲେ ସେମାନେଙ୍କ ମନକୁ ଆସେ ଏଇ ବାଲିରେ ଆଣ୍ଠୁଟାକୁ ପୋତି ରହିଲେ ଆର୍ଥ୍ରାଇଟିସ୍ ଭଲ ହୋଇପାରେ । ଚାଲିଲେ ହାର୍ଟ ମଜବୁତ ହୋଇପାରେ, ଇତ୍ୟାଦି ।

ଯାହାର ଯେଡ଼େ ବଡ଼ ରୋଗ, ସେ ତାକୁ ସେତେ ଗର୍ବର ସହିତ କହେ । ଫୁସ୍‌ଫୁସ୍‌ରେ ପାଣି ଜମିଛି, ଏ କଥାଟାକୁ ଜଣେ ଏମିତି ଗର୍ବରେ କହେ ଯେମିତି ଆଇଏଏସ୍ କ୍ୱାଇଁ କରିଛି । କିଏ କେଉଁ ସହରରେ କେଉଁ ବିଖ୍ୟାତ ହାସପାତାଳରେ କେଉଁ ବିଖ୍ୟାତ ଡାକ୍ତରଙ୍କ ପାଖରେ ଚେକ୍‌ଅପ୍ କରାଉଛି ତାହା ତାର ସାମାଜିକ ପୋଜିସନ୍‌ର ଏକ ମାପକ ହୋଇଉଠିଲାଣି । ସରକାରୀ ଡାକ୍ତରଖାନା କଥା ଛାଡ଼, କଟକ, ଭୁବନେଶ୍ୱରର ଦାମିକିଆ ନର୍ସିଂହୋମ୍ ଗୁଡ଼ାକରେ ଡାକ୍ତର ଦେଖାଇବା ଅର୍ଥ ନିଜ ପ୍ରେଷ୍ଟିଜ୍‌ର ଚକାରେ ନିଜେ ଲୁହାକଣ୍ଟା ଗେଞ୍ଜିବା । ଦିଲ୍ଲୀ, ବମ୍ବେ, ବାଙ୍ଗାଲୋର, ହାଇଦ୍ରାବାଦ ନ ହେଲେ ନ ଚଳେ । ଲଣ୍ଡନ, ୱାଶିଂଟନ୍, ଜ୍ୟୁରିଖ୍, ଭିୟେନା ହୋଇପାରିଲେ ସବୁଠୁଁ ଭଲ ।

ମୁଁ ଏବେ ଜାଣିଲିଣି ଭାରତର କିଛି ସହରର କିଛି କିଛି ହାସପାତାଳଗୁଡ଼ାକ ହୋଟେଲ୍ ଭଳିଆ ହେଲାଣି । କେତେକ ପଞ୍ଚତାରକା ହୋଟେଲ୍ ହାସପାତାଳରେ ରୂପାନ୍ତରିତ ହେଲାଣି । ଆଗକାଳର ଫିନାଇଲ୍ ଗନ୍ଧ, ମଶା, ମାଛି ଭର୍ତ୍ତି ୱାର୍ଡ, ରୁକ୍ଷ ମଧ୍ୟବୟସ୍କା ନର୍ସ, ଉଦାସୀନ ଡାକ୍ତର ହାସପାତାଳର କନ୍‌ସେପଟ ଗଲାଣି । ଏବେ ଶୀତତାପନିୟନ୍ତ୍ରିତ ସୁସଜ୍ଜିତ କକ୍ଷ, ସୁବେଶ ସ୍ମାର୍ଟ ଡାକ୍ତର, ସୁନ୍ଦରୀ ନର୍ସ, ପ୍ରମ୍ପଟ୍ ରୁମ୍‌ସର୍ଭିସର ଜମାନା । ହାସପାତାଳ ଖୋଲିବା ଆଗରୁ ସେବା ଥିଲା, ଏବେ ବ୍ୟବସାୟ । ସେବାରେ ଗଫଲତି ଆସିଯାଏ, ବେପାରରେ ଗଫଲତି ହେଲେ ବେପାର ବୁଡ଼ିବ । କେତେକ ହାସପାତାଳ-ମାଲିକ ତ ହସପିଟାଲ୍ ଟ୍ୟୁରିଜମ୍ ଆରମ୍ଭ କଲେଣି । ସେଠି ହାସପାତାଳରେ ସିନେମାହଲ୍, ସପିଂ ମଲ୍, ସୁଇମିଂ ପୁଲ୍, ସ୍ପେଶାଲାଇଜ୍‌ଡ ରେସ୍ତୋରାଁ ସବୁ ଅଛି । ଚିକିତ୍ସା ବେଳେ ଚିକିତ୍ସା ବାକି ବେଳେ ଆନନ୍ଦ ଆଉ ମନୋରଞ୍ଜନ । ଯଦି ସେମିତି ବଡ଼ ରୋଗ ହୋଇଥାଏ ଯେଉଁଥିରେ ଆଦୌ ଆନନ୍ଦର ସ୍କୋପ୍ ନାହିଁ, ତାହେଲେ ଯିଏ ରୋଗ ଭୋଗ କରୁଛି ସେ ତାର କରୁ ତା ସହିତ ଯାଇଥିବା ଅନ୍ୟମାନେ ଆନନ୍ଦ କରନ୍ତୁ । ଆଇଡିଆଟା ଚମତ୍କାର । ଏଥିରେ ଚିକିତ୍ସା ପାଇଁ ଟଙ୍କା ପ୍ରଚୁର ଖର୍ଚ୍ଚ ହେବ । ହେଉ । ଜୀବନରେ କେଉଁ ଭଲ ଜିନିଷଟା ଫ୍ରିରେ ମିଳେ କହୁନାହାନ୍ତି ! ଆଉ ମଣିଷ ଟଙ୍କା ରୋଜଗାର କରୁଛି କଣ ପାଇଁ, ନିଜ ଉପରେ ଯଦି ଖର୍ଚ୍ଚ ନ ହେଲା, ତେବେ ସେ ଟଙ୍କା ଧରି କଣ ଜଣେ ଉପରକୁ ଯିବ!

ଜୀବନରେ ପ୍ରଥମଥର ମୋର କିଛି ବଡ଼ ରୋଗ ନାହିଁ ବୋଲି ମନଦୁଃଖ ହୋଇଗଲା । କିଛି ନ ହେଲେ ହାର୍ଟଟା ଟିକେ ଟ୍ରବୁଲ୍ ଦଉଥାନ୍ତା । ମୁଣ୍ଡଟା ଟିକେ ବୁଲଉଥାନ୍ତା । ଗୋଡ଼ହାତ ଟିକେ ଥରୁଥାନ୍ତା । ତାହେଲେ ମୁଁ ମଝିରେ ମଝିରେ ଡାକ୍ତରଙ୍କ ପାଖକୁ ଯାଇପାରନ୍ତି । ସାଙ୍ଗମେଳରେ କହନ୍ତି, ଆଜି ଅମୁକ ଡାକ୍ତରଙ୍କ ପାଖକୁ ଯାଇଥିଲି ଚେକ୍ ଅପ୍ ପାଇଁ । ମଝିରେ ମଝିରେ ଡାକ୍ତର ଦେଖାଇବାକୁ ଯାଉଛି ବୋଲି କହି ହାଇଦ୍ରାବାଦ ବାଙ୍ଗାଲୋର ବୁଲି ଆସନ୍ତି ।

# ବାୟୁ ପ୍ରଦୂଷଣ ଓ ତାର ପ୍ରତିକାର



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ପ୍ରଦୂଷଣ ହେଉଛି ପ୍ରାକୃତିକ ପରିବେଶରେ ପ୍ରଦୂଷକ ପଦାର୍ଥର ପରିଚୟ, ଯାହା ସ୍ୱାଭାବିକ ପ୍ରକୃତିରେ ପ୍ରତିକୂଳ ପରିବର୍ତ୍ତନ ଆଣିଥାଏ । ପ୍ରଦୂଷଣ ରାସାୟନିକ ପଦାର୍ଥ ବା ଶକ୍ତିର ରୂପ ନେଇପାରେ, ଯେପରିକି ଶବ୍ଦ, ଉତ୍ତାପ କିମ୍ବା ଆଲୋକ । ପ୍ରଦୂଷଣ, ପ୍ରଦୂଷଣର ଉପାଦାନ, ବିଦେଶୀ ପଦାର୍ଥ/ଶକ୍ତି କିମ୍ବା ପ୍ରାକୃତିକ ଭାବରେ ଘଟୁଥିବା ପ୍ରଦୂଷକ ହୋଇପାରେ । ପ୍ରଦୂଷଣ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଉତ୍ସ କିମ୍ବା ବହୁ ଉତ୍ସଜନିତ ପ୍ରଦୂଷଣ ଭାବରେ ଶ୍ରେଣୀଭୁକ୍ତ ହୋଇଥାଏ । ୨୦୧୫ରେ, ପ୍ରଦୂଷଣରେ ବିଶ୍ୱରେ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ । ପ୍ରଦୂଷଣର ମୁଖ୍ୟ ରୂପଗୁଡ଼ିକ ହେଲା: ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଆବର୍ଜନାର ଦୁରୁପବ୍ୟବହାର, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓଆକ୍ଟିଭ୍ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ ।

ଆଜି ଆସନ୍ତୁ ଜାଣିବା ବାୟୁ ପ୍ରଦୂଷଣ ବିଷୟରେ । ବାୟୁ ପ୍ରଦୂଷଣ ସର୍ବଦା ସଭ୍ୟତା ସହିତ ଆସିଥାଏ । ପ୍ରଦୂଷଣ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା, ଯେତେବେଳେ ମଣିଷ ପ୍ରଥମ ଅଗ୍ନି ସୃଷ୍ଟି କଲା । ସାଇନ୍ସ ପତ୍ରିକାରେ ୧୯୮୩ର ଏକ ଲେଖା ଅନୁଯାୟୀ, ପ୍ରାଚୀନ ଗୁମ୍ଫାର ଛାତରୁ ମିଳିଥିବା କଳା ଦାଗ କିମ୍ବା ସୁଟ୍ ଉଚ୍ଚ ପ୍ରଦୂଷଣର ଯଥେଷ୍ଟ ପ୍ରମାଣ ଦେଇଥାଏ ଯାହା ଖୋଲା ଅଗ୍ନିକାଣ୍ଡର ଅପର୍ଯ୍ୟାପ୍ତ ବାୟୁ ଚଳାଚଳ ସହିତ ଜଡ଼ିତ ଥିଲା । ଧାତୁକୁ ଆକାର ଦେବା, ଘର ବାହାରେ ଗୁରୁତ୍ୱପୂର୍ଣ୍ଣ ବିମାନ ପ୍ରଦୂଷଣ ସ୍ତର ସୃଷ୍ଟିର ଏକ ପ୍ରମୁଖ କାରଣ ବୋଲି ଦେଖାଯାଇଥିଲା । ଗ୍ରୀନଲ୍ୟାଣ୍ଡରେ ଥିବା ଗ୍ଲେସିୟର ମୂଳ ନମୁନା ଗ୍ରୀକ୍, ରୋମାନ୍ ଏବଂ ଚାଇନାର ଧାତୁ ଉତ୍ପାଦନ ସହିତ ଜଡ଼ିତ ପ୍ରଦୂଷଣର ବୃଦ୍ଧି ସୂଚାଇଥାଏ । ବାୟୁମଣ୍ଡଳରେ ରାସାୟନିକ ପଦାର୍ଥ ଏବଂ କଣିକା ନିର୍ଗତ ଯୋଗୁଁ ହୋଇଥାଏ । ସାଧାରଣ ଗ୍ୟାସୀୟ ପ୍ରଦୂଷଣରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡ । ଇ ଅ କ୍ସ । ଇ ଡ , କ୍ଲୋରୋଫ୍ଲୋରୋକାର୍ବନ୍ ଏବଂ ଶିଳ୍ପ ଏବଂ ମୋଟର ଯାନଦ୍ୱାରା ଉତ୍ପାଦିତ ନାଇଟ୍ରୋଜେନ୍ ଅକ୍ସାଇଡ୍





ଅନ୍ତର୍ଭୁକ୍ତ । ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହାଇଡ୍ରୋକାର୍ବନ୍ ସୂର୍ଯ୍ୟ କିରଣରେ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଫୋଟୋକେମିକାଲ୍ ଓଜୋନ୍ ଏବଂ ଧୂଆଁ ସୃଷ୍ଟି ହୁଏ ।

ପ୍ରତିକୂଳ ବାୟୁ ଗୁଣ ମଣିଷ ସମେତ ଅନେକ ଜୀବକୁ ମାରିପାରେ । ଓଜୋନ ପ୍ରଦୂଷଣ କରାଇବାର ଶ୍ୱାସ ରୋଗ, ହୃଦରକ୍ତନାଳୀ ରୋଗ, ଗଳା ପ୍ରଦାହ, ଛାତି ଯନ୍ତ୍ରଣା ଏବଂ ଜନଗହଳି । ମୁଖ୍ୟତଃ ବିକାଶଶୀଳ ଦେଶମାନଙ୍କରେ ବିଶୋଧିତ ଜଳ ନିଷ୍କାସନଦ୍ୱାରା ପାନୀୟ ଜଳର ଦୂଷିତ ହେତୁ, ଜଳ ପ୍ରଦୂଷଣ ଦିନକୁ ପ୍ରାୟ ୧୪,୦୦୦ ମୃତ୍ୟୁ ଘଟାଇଥାଏ । ଆନୁମାନିକ ଏବେ ବି ବିଶ୍ୱର ଅନ୍ୟ ଦେଶ ସହିତ ଭାରତୀୟଙ୍କର ମଧ୍ୟ ଏବେ ବି ଅନେକ ଲୋକଙ୍କର ଉପଯୁକ୍ତ ଶୌଚାଳୟର ସୁବିଧା ନାହିଁ, ଭାରତରେ ଲକ୍ଷ ଲକ୍ଷ ଲୋକ ଜଳ ଜନିତ ରୋଗରେ ଏବେ ବି ପୀଡ଼ିତ ଓ ଏହି ରୋଗରେ ଅନେକ ଲୋକ ମୃତ୍ୟୁ ମଧ୍ୟ କରୁଛନ୍ତି । ପାଖାପାଖି ୫୦୦ ନିୟୁତ ଚାଇନାର ସୁରକ୍ଷିତ ପାନୀୟ ଜଳର ଅଭାବ ରହିଛି । ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ବାୟୁ ପ୍ରଦୂଷଣ ହେତୁ ଚାଇନାରେ ପ୍ରତିବର୍ଷ ୧.୨ ନିୟୁତ ଲୋକ ଅକାଳରେ ମୃତ୍ୟୁ ବରଣ କରନ୍ତି । ଦୀର୍ଘ ଦିନ ଧରି ଚାଇନାର ଉଚ୍ଚ ଧୂଆଁ ସ୍ତର ସାଧାରଣ ନାଗରିକଙ୍କ ଶରୀରକୁ କ୍ଷତି ପହଞ୍ଚାଇପାରେ ଏବଂ ବିଭିନ୍ନ ରୋଗ ସୃଷ୍ଟି କରିପାରେ । WHO ୨୦୦୭ରେ ଆକଳନ କରିଥିଲା ଯେ ବାୟୁ ପ୍ରଦୂଷଣ ଭାରତରେ ପ୍ରତିବର୍ଷ ଅଢ଼େଇ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟାଇଥାଏ । ଅଧ୍ୟୟନରୁ ଜଣାପଡିଛି ଯେ ଯୁକ୍ତରାଷ୍ଟ୍ରରେ ବାର୍ଷିକ ନିହତ ଲୋକଙ୍କ ସଂଖ୍ୟା ୫୦,୦୦୦ରୁ ଅଧିକ ହୋଇପାରେ ।

ପରିବେଶର ସୁରକ୍ଷା ଓ ଉନ୍ନୟନ ପ୍ରତ୍ୟେକ ନାଗରିକର ମୌଳିକ ଦାୟିତ୍ୱ ଓ କର୍ତ୍ତବ୍ୟ । ବାୟୁ ପ୍ରଦୂଷଣ ହ୍ରାସ ପାଇଁ ଯୁଦ୍ଧକାଳୀନଭିତ୍ତିରେ କେତେକ ଅଗ୍ରାଧିକାରମୂଳକ ପଦକ୍ଷେପ ଯଥା ସଚେତନତା ସୃଷ୍ଟି, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ଜରାଶ୍ରମ ନିକଟରେ 'ନୋ କାର ଆଇଡ୍‌ଲିଙ୍ଗ ଜୋନ୍?' ପ୍ରତିଷ୍ଠା, ସର୍ବସାଧାରଣ ଯାନ ଓ ସାଇକେଲରେ ଯିବା, ମିଥେନ୍ ଗ୍ୟାସ୍ ଯାହା ଅଙ୍ଗାରକାମ୍ଳ ଅପେକ୍ଷା ୨୧ ଗୁଣ ଅଧିକ ଅନିଷ୍ଟକାରୀ ତାହାର ଉତ୍ସକୁ ନିୟନ୍ତ୍ରଣ କରିବା, କମ୍ପୋଷ୍ଟ ଓ ପୁନଃବିନିଯୋଗ ବ୍ୟବସ୍ଥା ଦ୍ୱାରା ପରିତ୍ୟକ୍ତ ପ୍ଲାଷ୍ଟିକ୍ ସମେତ ଅଳିଆ-ଆବର୍ଜନାର ସୁବିନିଯୋଗ କରିବା, ଶିଳ୍ପାନୁଷ୍ଠାନରୁ ନିର୍ଗତ ବାୟୁ ପ୍ରଦୂଷକର ପରିମାଣକୁ ଉତ୍ସରୁ ହ୍ରାସ କରିବା, ଡିଜେଲ ଓ ପେଟ୍ରୋଲ ଭଳି ଜୀବାଶ୍ମ ଜାଳେଣି ବ୍ୟବହାର ନ କରି ହାଇବ୍ରିଡ ଓ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବା, ନବୀକରଣଯୋଗ୍ୟ ଶକ୍ତି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଆଞ୍ଚଳିକ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବାୟୁ ପ୍ରଦୂଷଣରେ ନିର୍ଦ୍ଦିଷ୍ଟ ବାୟୁ ପ୍ରଦୂଷଣ ପାଇଁ ଆକ୍ସନ୍ ପ୍ଲାନ ତିଆରି କରିବା । ଏହା ହୋଇପାରିଲେ ବିଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରିବ ନଚେତ୍ ବିଶ୍ୱ ଏକ ବିଷ ବଳୟରେ ବୁଡି ଧ୍ୱଂସ ପାଇଯିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଦାମ୍ପତ୍ୟ

ରତ୍ନକାନ୍ତି ମିଶ୍ର



ପ୍ରବୀର ବାବୁ ସେଦିନ ଅଫିସରୁ ଫେରି ପତ୍ନୀଙ୍କୁ କହିଲେ -' ମୁଁ ଯେଉଁ ହାତ କଟା ଜ୍ୟାକେଟ କଥା କହୁଥିଲି, ଆଜି ତା ଦାମ୍ ବୁଝି ଆସିଛି। ଏବେ ପୂଜା ପାଇଁ ଅଫର୍ ଚାଲିଛି। ସେଇ ଜ୍ୟାକେଟର ପ୍ରକୃତ ଦାମ୍ ଦୁଇ ହଜାର ସିନା ଏବେ ମିଳୁଛି ପନ୍ଦର ଶହ ଟଙ୍କାରେ।

-' ହେଲେ ତୁମେ ସେଇ ଜ୍ୟାକେଟ ଦାମ୍ କାହିଁକି ବୁଝିବାକୁ ଯାଇଥିଲ । ସତରେ କ'ଣ ତୁମେ ତାକୁ ପିନ୍ଧିବ? ଯିଏ ସେମିତିକା ପିନ୍ଧିଲାଣି ସିଏ ସିନା ଦାମ୍ ବୁଝିବ! ମୁଁ ଜାଣେ। ତୁମେ ସେଟାକୁ ଯଦି ବା କିଣିବ ଭାଙ୍ଗିଭୁଙ୍ଗି କପବୋର୍ଡ ରେ ହିଁ ଥୋଇଦେବ। ପଇସା ଅଯଥାରେ ଖର୍ଚ୍ଚ ହେବ ଯାହା।' କହିଲେ ପତ୍ନୀ।

ପ୍ରତିମାଙ୍କ ହସ ଆଉ କଥାରେ ନିରୁତ୍ସାହିତ ହେଲେ ପ୍ରବୀର ବାବୁ। ପତ୍ନୀଙ୍କ ଠାରୁ ଏକରକମ ନାସ୍ତିବାଣୀ ଶୁଣି ହତାଶ ହୋଇ କିଛି କହିବାକୁ ଚାହିଁ ବି କେବଳ ' କିନ୍ତୁ...' ରେ ହିଁ ଅଟକିଗଲେ ।

ପ୍ରତିମାଙ୍କ ସହ ଦୀର୍ଘ କୋଡ଼ିଏ ବର୍ଷର ଘର ସଂସାର କଥା ଏକାନ୍ତରେ ଭାବି ବସିଲେ ପ୍ରବୀର ବାବୁ। ଘର ଚଳେଇବା ଦାୟିତ୍ୱ ପ୍ରତିମାଙ୍କର। ପ୍ରତିମାସରେ ଦରମା ପାଇବା ସଙ୍ଗେ ସଙ୍ଗେ ତାଙ୍କୁ ଘରଖର୍ଚ୍ଚ, ପିଲା ଦୁହିଁଙ୍କ ପଢ଼ା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟଙ୍କା ଦେଇ ଅବଶିଷ୍ଟ ବ୍ୟାଙ୍କରେ ଜମା କରି ଦିଅନ୍ତି।

ବର୍ଷକୁ କେଇ ଖଣ୍ଡ ମାଗାଜିନ୍ କିମ୍ବା ବହି ଛଡ଼ା ତାଙ୍କର ଅନ୍ୟ କିଛି ଆଜେ ବାଜେ ଖର୍ଚ୍ଚ ନଥିଲା।

କେବେ କେବେ ବିଭିନ୍ନ ଅନୁଷ୍ଠାନ ତରଫରୁ କବିତା ଆସରରେ ଯୋଗ ଦେବାକୁ ନିମନ୍ତ୍ରଣ ଆସେ। କେବେ ବିଚାରକ ହିସାବରେ ତ କେତେବେଳେ ସମ୍ମାନୀୟ ଅତିଥି ହିସାବରେ। ସେଇଠି ସେ ଦେଖନ୍ତି ଏବେକାର ଚଳଣି ଏଇ ହାଫ୍ ଜ୍ୟାକେଟ ପିନ୍ଧା କବି ବା ଅତିଥିମାନଙ୍କୁ। ସେଇଠୁ ହିଁ ନିଜ ପାଇଁ ଗୋଟିଏ ହାଫଜ୍ୟାକେଟ କିଣିବାକୁ ମନ କରିଥିଲେ । ଏ ବିଷୟରେ ଥରେ ଦୁଇଥର ପତ୍ନୀଙ୍କୁ ବି କହିଥିଲେ।

ହେଲେ ଏବେ ସେଇ ବିଷୟରେ ପତ୍ନୀଙ୍କ ବିମୁଖତା ତାଙ୍କୁ ନିରାଶ କଲା। ନିଜର ଇଚ୍ଛା ପୂରଣ ନକରିପାରିବାର ଦୁଃଖ ତାଙ୍କ ଭିତରେ ଜମାଟ ବାନ୍ଧିଲା। ଅବଶ୍ୟ ସେ ଚାହିଁଥିଲେ ସେଇଟିକୁ କିଣି ଆଣି ପାରିଥାନ୍ତେ। ଆଉ କିଣି ଆଣିଥିଲେ ପ୍ରତିମା ବି ବିଶେଷ କିଛି କହିନଥାନ୍ତେ। ହେଲେ ପ୍ରତି କ୍ଷେତ୍ରରେ ପଇସା ଖର୍ଚ୍ଚର ଉପଯୋଗିତା ବିଷୟରେ ଦୁହେଁ ମିଶି ସବୁ ସମୟରେ ନିର୍ଣ୍ଣୟ ନିଅନ୍ତି ବୋଲି ଏମିତି କିଛି କରିବାକୁ ଚାହିଁ ନଥିଲେ।

ଜ୍ୟାକେଟ କିଣା ସଂପର୍କିତ କଥାବାର୍ତ୍ତାର ଦୁଇ ତିନି ଦିନ ପରେ ପ୍ରତିମା ନିଜ ଆଡୁ ପୁଣି ପଚାରିଲେ -'ତୁମେ ଦାମ୍ ବୁଝି ଆସିଥିବା ସେଇ ଜ୍ୟାକେଟକୁ କିଣି ଆଣି ଲୁଚାଇ ରଖିନାହଁ ତ ?'

ଯଥାସମ୍ଭବ ସହଜ ସ୍ୱରରେ ପ୍ରବୀର ବାବୁ କହିଲେ - 'ନା, ସତରେ କିଣି ନାହିଁ।'

ହେଲେ ପ୍ରବୀର ବାବୁ ଭାବିଲେ ବୋଧହୁଏ ପତ୍ନୀଙ୍କ ମନ ପରିବର୍ତ୍ତନ ହୋଇଛି ଏବଂ ଜ୍ୟାକେଟ ଟିକୁ କିଣି ଆଣିବାକୁ ଖୁସିରେ କହିବେ। ହେଲେ ସେମିତି କିଛି ହେଲା ନାହିଁ। ବରଂ କହିଲେ -'ଭଲ କରିଛ ! ଅଯଥା ପଇସା ଖର୍ଚ୍ଚ ହୋଇଥାନ୍ତା ଯାହା।'

ପତ୍ନୀଙ୍କର ଏମିତି କଥାରେ ପ୍ରବୀର ବାବୁ ଆଘାତ ପାଇବା ସ୍ୱାଭାବିକ। ତାଙ୍କର ଛୋଟ ଗୋଟେ ଇଚ୍ଛାକୁ ପୂରଣ କରିବାକୁ ପ୍ରତିମା ଚାହିଁଲେ ତ ନାହିଁ ପୁଣି ଏମିତି ଭାବରେ କହିବାଟା ତାଙ୍କ ପ୍ରତି ନିହାତି ହେୟଭାବ ପୋଷଣ କରିଛନ୍ତି ବୋଲି ତାଙ୍କର ମନେହେଲା। ପୂର୍ବରୁ ଘଟିଥିବା ଛୋଟ ମୋଟ ଘଟଣାକୁ ମନେ ପକାଇ ପତ୍ନୀଙ୍କ ଆଚରଣରେ ବେପରୁଆ ଭାବର ଆଭାସ ଅଛି ବୋଲି ନିଜ ଧାରଣାକୁ ଆହୁରି ଦୃଢୀଭୂତ କରାଇଲେ। କ୍ଷୋଭ ଆସିଲା ମନରେ। ଭାବିଲେ ସେ ବି ପତ୍ନୀଙ୍କ ପ୍ରତି ସମାନ ମନୋଭାବ ପୋଷଣ କରିବା ଠିକ୍ ହେବ।

ଉପରକୁ ବ୍ୟବହାର ଠିକ୍ କରି ଠିକଣା ସମୟରେ ପତ୍ନୀଙ୍କୁ ବି ତାଙ୍କ ବ୍ୟବହାର ଅନୁସାରେ ଦୁଃଖ ସହ୍ୟ କରିବାକୁ ବାଧ କରାଇବେ ବୋଲି ସେ ମନେ ମନେ ଭାବିଲେ।

ଦୁର୍ଗାପୂଜା ଆସି ଯାଇଥିଲା। ପ୍ରଥମ ଥର ପାଇଁ ପ୍ରବୀର ବାବୁ ଜାଣିଶୁଣି ଅଷ୍ଟମୀ ପୂଜାରେ ପତ୍ନୀଙ୍କ ପାଇଁ ନୂଆ ଶାଢ଼ି କିଣିଲେ ନାହିଁ। ଭାବିଥିଲେ ଦୁର୍ଗାପୂଜାରେ ଘର ସାଜସଜ୍ଜା ପାଇଁ ପତ୍ନୀ ସବୁ ବର୍ଷ ପରି ଏଥର ଅଧିକା କିଛି ପଇସା ମାଗିବେ। ହେଲେ ସେମିତି ବି କିଛି ହେଲା ନାହିଁ। ଅର୍ଥାତ୍ ପ୍ରବୀର ବାବୁଙ୍କ ଯୋଜନା ଫସର ଫାଟି ଯାଇଥିଲା।

ଅଷ୍ଟମୀ ଦିନ ସକାଳୁ ପ୍ରବୀର ବାବୁଙ୍କ ନିଦ ଭାଙ୍ଗିଲା ତ ମନରେ କାହିଁକି ଗ୍ଲାନି ଆସିଲା। ନିଜ ତରଫରୁ ପରମ୍ପରା ଭାଙ୍ଗି ସେ କିଛି ଠିକ୍ କଲେ ନାହିଁ ବୋଲି ଭାବି ହେଲେ। ହେଲେ ପତ୍ନୀଙ୍କ ମୁହଁରେ ଦୁଃଖର କୌଣସି ଚିହ୍ନ ବର୍ତ୍ତି ନଥିଲା ବୋଲି ତାଙ୍କର ମନେହେଲା। ଅପରନ୍ତୁ ଆଜି କାହିଁକି ପ୍ରତିମା ଖୁବ୍ ଖୁସି ଥିଲେ ବୋଲି ପ୍ରତୀୟମାନ ହେଲା ତାଙ୍କୁ ।

ସେଦିନ ଥିବା ସାହିତ୍ୟ ସଭାକୁ ଯିବେ ବୋଲି ପ୍ରସ୍ତୁତ ହେଉଥିଲେ ପ୍ରବୀର ବାବୁ। ଜଳଖିଆ ବାଢିଲେ ପତ୍ନୀ। ପ୍ରବୀର ବାବୁ ଲକ୍ଷ୍ୟକଲେ ପ୍ରତିମାଙ୍କ ମୁହଁରେ ଫୁଟି ଉଠୁଥିବା ଆଜିର ହସରେ ଯେମିତି ଏକ ସ୍ୱତନ୍ତ୍ରତା ଅଛି।

ଖାଇସାରି ତରତର ହୋଇ ଡ୍ରେସ ଚେଞ୍ଜ କରିବାକୁ ଗଲା ବେଳକୁ କପବୋର୍ଡରେ ଝୁଲୁଥିଲା ସେ ଚାହୁଁଥିବା ଭଳି ଜ୍ୟାକେଟ ଟିଏ।

-' ଇଏ କ'ଣ? କିଏ ଆଣିଲା।' ଉଚ୍ଛ୍ୱସିତ ହୋଇପଡିଲେ ପ୍ରବୀର ବାବୁ।

ଏତିକି ବେଳକୁ ଆହୁରି ଗୋଟିଏ ଚମତ୍କାର ଉପହାର ନେଇ ତାଙ୍କ ସାମ୍ନାରେ ଠିଆ ହେଲେ ପ୍ରତିମା।

-' ଦେଖିଲ ସେଇ ଜ୍ୟାକେଟ ସାଙ୍ଗକୁ ମୋ ଚଏସ୍‌ରେ ଆଣିଥିବା ଏଇ ପ୍ୟାଣ୍ଟ ଶାର୍ଟ୍ ହଳକ ତୁମ ମନକୁ ପାଉଛି କି ନାହିଁ ?'

ଖୁସି ହେବେ କ'ଣ, ଅନୁଶୋଚନାରେ ପ୍ରବୀର ବାବୁଙ୍କ ସ୍ୱର ଭାରି ଭାରି ହୋଇ ଆସୁଥିଲା ।

ଏତିକି ବେଳକୁ ଚପଳା କିଶୋରୀ ପରି ଆଖି ନଚାଇ ହସୁ ହସୁ ପ୍ରତିମା କହିଲେ -' ଏଥର ପୂଜା ପାଇଁ ତୁମଠୁ ଅଧିକା ପଇସା ଚାହିଁ ନଥିଲି। ହେଲେ ପ୍ରତି ମାସ ଖର୍ଚ୍ଚରୁ ପଇସା ସଞ୍ଚୟ କରି ଏସବୁ ତୁମ ପାଇଁ କିଣି ପାରିଛି। ଆଜି ମୁଁ ବହୁତ ଖୁସି। ତୁମେ କିଛି ଜାଣି ପାରିଲ ନାହିଁ। ହେଲେ ଧରା ପଡିଯିବି ବୋଲି ଡର ଲାଗୁଥିଲା।'

-'ସତରେ ମୁଁ କିଛି ଜାଣିପାରିଲି ନାହିଁ।' ଭିଜା ଭିଜା କଣ୍ଠରେ କହିଲେ ପ୍ରବୀର ବାବୁ।

ଆତ୍ମକୃତ ଦୁଃସ୍ଥିତିରୁ ମୁକୁଳିବା ପାଇଁ ପ୍ରବୀର ବାବୁ ଏକ ମିଛର ସାହାରା ନେବାକୁ ବାଧ ହେଲେ।

-'ଜାଣିଲ ପ୍ରତିମା, ମୁଁ କାଲି ଅଫିସରୁ ଫେରିଲା ବେଳକୁ ବିନୋଦ ବାବୁ ତାଙ୍କ କାରରେ ମୋତେ ବାଧକରି ନେଇ ଆସିଥିଲେ। ଅଷ୍ଟମୀ ପାଇଁ ତୁମ ପାଇଁ ଯେଉଁ ଶାଢ଼ିଟା କିଣିଥିଲି ଛାଡି ଆସିଛି ତାଙ୍କରି କାରରେ। ଏବେ ଯାଇ ନେଇ ଆସୁଛି। ତା ପରେ ଯାଇଁ ଯୁଆଡେ ଯିବି।

ଘରୁ ବାହାରିଗଲେ ପ୍ରବୀର ବାବୁ। ହେଲେ ଫେରିଲା ବେଳକୁ ଖାଲି ଶାଢି ନୁହେଁ ପତ୍ନୀଙ୍କ ପାଇଁ ହଳେ କାନଫୁଲ ବି କିଣି ଆଣିଥିଲେ। ଝିଅ ପାଇଁ ଚେନଟିଏ କରିବାକୁ ନିଜର କାନଫୁଲ ଦୁଇ ପଟକୁ ବଦଳ କରିବା ଦିନରୁ ପ୍ରତିମା ଇମିଟେସନ୍‌ର କାନଫୁଲ ପିନ୍ଧୁଥିଲେ। ଅବଶ୍ୟ କାନଫୁଲ କିଣିବା ପାଇଁ ପ୍ରବୀର ବାବୁଙ୍କୁ ବନ୍ଧୁ ବିନୋଦ ବାବୁଙ୍କ ଠାରୁ କିଛି ପଇସା ଉଧାର କରିବାକୁ ପଡିଥିଲା।

ଆଜି ନିଜର କୁତ୍ସିତ ମାନସିକତାର ପ୍ରାୟଶ୍ଚିତ ପାଇଁ ଆଉ ପତ୍ନୀଙ୍କ ମନରେ ଟିକିଏ ଖୁସି ଆଣିବାକୁ ଯେ କୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ଥିଲେ ପ୍ରବୀର ବାବୁ... !!!

ଆଳି, କେନ୍ଦ୍ରାପଡା

## ବାପାଙ୍କ ଚିଠି

ସତ୍ୟନାରାୟଣ ପ୍ରଧାନ



ଡାକ୍ତର ବାବୁଙ୍କ ଠାରୁ ସତ୍ୟ ତାର ବାପା ଆଉ ଅଳ୍ପ ଦିନର ଅତିଥି ଜାଣିବା ପରେ ବାକି ସମୟ ଗୁଡାକ ତାଙ୍କୁ ଖୁସିରେ ରଖିବାକୁ ଚେଷ୍ଟା କରିଥିଲା। ତାଙ୍କୁ ଭଲରେ ରଖିବାର ପ୍ରୟାସ ଭିତରେ ଦଇବ ଦାଉ ସାଧିଲା । ପରିବାର ପିଲା ଛୁଆଙ୍କ ପାଇଁ ଅନେକ ସ୍ୱପ୍ନ ଦେଖୁଥିବା ମଣିଷଟା ଅସାଧ ରୋଗରେ ପୀଡିତ ଥିବାରୁ ରାତି ଅଧରେ ଚାଲୁଥିବା ହୃଦସ୍ପନ୍ଦନ କେତେବେଳେ ବନ୍ଦ ହୋଇ ଯାଇଥିଲା ।

ସକାଳକୁ ମଲା ଦେହଟା ଯାହା ଖାଲି ଚାରି କାନ୍ଧକୁ ଅପେକ୍ଷା କରି ରହିଥିଲା। ଗାଁ ଗଣ୍ଡାରେ ଭଲ ଲୋକଟିଏ ଥିଲା ବୋଲି କଥା ହେଉଥିଲେ । ପୁଅ ଏତେ ଗୁଡ଼ାଏ ଟଙ୍କା ଦେହ ଖରାପରେ ଖର୍ଚ୍ଚ ହୋଇଥିଲା ପୁଣି କ୍ରିୟା କର୍ମରେ ଲାଗିବ ଭାବି ଦୁଃଖରେ ଭାଙ୍ଗି ପଡିଥିଲା । ଯାହା ହେଉ ବନ୍ଧୁ ବାନ୍ଧବ ପ୍ରିୟ ପରିଜନ ମାନଙ୍କ ସାହାଯ୍ୟ ସହଯୋଗରେ ସବୁ ଭଲରେ ସମାପନ ଘଟିଲା । ଶୁଦ୍ଧି କାମରେ ଆସିଥିବା ବନ୍ଧୁ ବାନ୍ଧବ ବିଦା ହେଲାପରେ ସତ୍ୟ ନିଜକୁ ଆହୁରି ଏକା ମନେ କରି ତା ସହିତ ଭଗବାନ କାହିଁକି ଏପରି କଲେ ମନ ଭିତରେ ପଚାରି ହେଉଥିଲା ।

କିଛିଦିନ ବିତିଯିବା ପରେ ସେ ଦିନେ ସକାଳୁ ଘରେ ଥାକରେ ଅନେକ ଦିନ ତଳୁ ପୁରୁଣା କାଠ ବାକ୍ସରେ ରଖା ହୋଇଥିବା ବିଲବାଡ଼ି କାଗଜ ପତ୍ର ସବୁ ଠିକ୍ ଅଛି ନାହିଁ ତାକୁ ତ ସବୁ ବୁଝିବାକୁ ହେବ ସେଥିପାଇଁ ଥରେ ନଜର ପକାଇବା ଖୋଲି ବସିଲା। ବିଲବାଡି କବଲା ପଟା ସାଙ୍ଗକୁ ନାଲି କପଡାରେ କିଛି ଗୁଡ଼ାଇ ହୋଇ ଥିବାର ଦେଖିବାକୁ ପାଇଲା। ସେଥିରେ କ'ଣ ଭାବି ତାକୁ କାଢିଲା ବେଳେ ତାମ୍ର ପାତ୍ରରେ ଲେଖା ହୋଇଥିବା ଅକ୍ଷର ଗୁଡାକ ଅସ୍ପଷ୍ଟ ଥିବାରୁ ତା ତଳକୁ କାଗଜରେ ଥିବା ଲେଖାକୁ ପଢିବାରେ ଲାଗି ପଡିଲା ।

' ପୁଅରେ ଆଜି ତୁ ଯେଉଁ ସମୟ ଦେଇ ଗତି କରୁଛୁ ମୁଁ ମଧ୍ୟ ସେ ସମୟ ଦେଇ ଆସିଛି । ଦିନେ ନା ଦିନେ ସବୁ ପୁଅମାନେ ଏହି ସମୟ ଦେଇ ଗତି କରିବେ । ତେଣୁ ବ୍ୟସ୍ତ ହେବାର କିଛି ଆବଶ୍ୟକ ନାହିଁ । ଜୀବନରେ ବାପା ପାଖରେ ରୁହନ୍ତୁ ଅବା ନ ରୁହନ୍ତୁ ତାଙ୍କ ଉପସ୍ଥିତି ସଦା ସର୍ବଦା ମନେ କରି ଉଚିତ କର୍ମ କରିବୁ । ସଂସାରରେ ମଣିଷ ଜୀବନ ହେଉଛି କ୍ଷଣ ଭଙ୍ଗୁର ଆଜି ଅଛି କାଲିକୁ ନାହିଁ । ଛାତି ତଳେ ଲୁଚି ରହିଥିବା ବିବେକର ବୋଲ ମାନି ସବୁ କାର୍ଯ୍ୟ କରିବୁ । ମୋ ବାପା ମୋ ପାଇଁ ଏ ସବୁ ଦୁନିଆ ଛାଡ଼ି ଯିବା ପୂର୍ବରୁ ଲେଖି ଯାଇଥିଲେ। ମୁଁ ବି ତାହା ତୋ ପାଇଁ ଛାଡ଼ି ଯାଉଛି । ଆଶା କରେ ଜୀବନରେ ଗୋଟେ ପୁଅର ଧର୍ମ ପାଳନ କରିବୁ ଯେତେ ଦୁଃଖ କଷ୍ଟ ଆସିଲେ ବି ସତ ମାର୍ଗରେ ବାଟ ଚାଲିବୁ। ତା ହେଲେ ଯାଇ ସ୍ୱର୍ଗରେ ଥାଇ ମୋର ଆତ୍ମାକୁ ଟିକେ ଶାନ୍ତି ମିଳିବ।'

ସତ୍ୟ ସେ ଚିଠି ପଢ଼ି ସାରି ତା ବାପାଙ୍କ ହାତ ଲେଖା ବୋଲି ସ୍ପଷ୍ଟ ଭାବେ ଜାଣି ପାରିଥିଲା । ଦୁନିଆରେ ରହିବା ପାଇଁ ହେଲେ ସବୁ କିଛି ସହି ପୁଣି ହସିବାକୁ ହେବ ସେ ଲେଖା ପଢ଼ି ସାରି ମନରେ ଦମ୍ଭ ଯୋଗାଡ଼ କରୁଥିଲା । ଘର ଭିତରୁ ବାହାରି ଅଗଣାରେ ଆକାଶକୁ ଚାହିଁଲା ବେଳେ କଳା ହାଣ୍ଡିଆ ବାଦଲ ତଳୁ ନାଲି ସୂରୁଜ ଯେପରି ମୁରୁକି ହସୁଥିଲା । ଆହାର ଯୋଗାଡ଼ କରିବା ନିମନ୍ତେ ପକ୍ଷୀମାନେ ଶବ୍ଦ କରି ନିଜ ବାଟରେ ଧାଇଁ ଯାଉଥିଲେ । ଘର କାନ୍ଥରେ ଟଙ୍ଗା ହୋଇଥିବା ତା ବାପାଙ୍କ ଫୋଟୋ ପବନରେ ଦୋହଲି ତାକୁ ଯେପରି ହସି ଦେଇ ପାଖରେ ଅଛନ୍ତି ବୋଲି ସ୍ମରଣ କରି ଦେଉଥିଲେ ।

ଅଣ୍ଡିଆ, ଯାଜପୁର
ପିନ- ୭୫୫୦୨୩ ,
ମୋ - ୯୧୭୮୩୧୩୬୪୪

## ମନ କର ନାହିଁ ଉଣା

ସୁନନ୍ଦା ମହାନ୍ତି

ସାଙ୍ଗମାନଙ୍କୁ ଅପେକ୍ଷା କରି ରହିଥାଏ ଝୁମା। ଆଜି ତାଙ୍କ ସ୍କୁଲର ବାର୍ଷିକ ଉତ୍ସବ। ବାଛି ବାଛି ବଜାରରୁ ବଢିଆ ଧଳା ଫ୍ରକଟିଏ କିଣି ଆଣି ଦେଇଛନ୍ତି ବାପା। ଦୋକାନ ଦୋକାନ ବୁଲି ସେ ନିଜେ ପସନ୍ଦ କରିଛି ଏ ଧଳା ରଙ୍ଗର ଫ୍ରକଟିକୁ। ଲୁନା ଆସିଲେ ସେ ସାଙ୍ଗ ହୋଇ ସ୍କୁଲ ଯିବ। କେତେ କିଏ ତାଙ୍କ ଘର ବାଟ ଦେଇ କିଏ କାହା ବାପାଙ୍କ ସଙ୍ଗେ ତ କିଏ କାହା ଜେଜେ, କିଏ କାହା ଅଜା, କିଏ ନିଜ ମାଆ ବା ଜେଜେମାଆ କି ଆଈ ସଙ୍ଗେ ହାତ ଧରି ଯାଉଥାଆନ୍ତି। ଲୁନା ଠିକ ସମୟରେ ଆସି ପହଁଚିଲା। ସେ ଯେଉଁ ଧଳା ଡ୍ରେସ ପିନ୍ଧିଥିଲା ତାକୁ ଖୁବ ମାନୁଥିଲା ଓ ଝୁମା ଘରେ ସମସ୍ତେ ତାକୁ ସେହି ଡ୍ରେସ ଲାଗି ଖୁବ ପ୍ରଶଂସା କରିଥିଲେ। ସେ ଦୁହେଁ ସାଙ୍ଗ ହୋଇ ସ୍କୁଲ ଯିବା ପରେ ସେଠି ଅନେକ ସାଙ୍ଗ ତଥା ଉପର ଓ ତଳ କ୍ଲାସ ପିଲାମାନେ ଦୁହିଁଙ୍କୁ ତାଙ୍କ ଡ୍ରେସ ପାଇଁ ବହୁତ ସୁନ୍ଦର ହୋଇଛି ଓ ଦୁହେଁ ଖୁବ ସୁନ୍ଦର ଦିଶୁଛ କହିଥିଲେ ମଧ୍ୟ ଝୁମାକୁ ଲାଗିଲା ତା ଅପେକ୍ଷା ଲୁନାର ଡ୍ରେସକୁ ସମସ୍ତେ ଅଧିକ ପସନ୍ଦ କରୁଛନ୍ତି। ତା ମନ ଦୁଃଖ ହୋଇଗଲା। ମନ ଓ ଦେହ ସମ୍ପର୍କିତ ହୋଇଥିବାରୁ ଦେହ ମଧ୍ୟ ଭଲ ଲାଗିଲା ନାହିଁ। ସ୍କୁଲରେ ନାଚ ଗୀତରେ ଭାଗ ନେଇଥିଲେ ମଧ୍ୟ ଦେହ ଓ ମନ ଖରାପ ଲାଗିବାରୁ ଝୁମା ସବୁଥିରେ ଭାଗ ନେଇଥିଲେ ମଧ୍ୟ ଭଲ ପ୍ରଦର୍ଶନ କରିପାରିଲା ନାହିଁ। ବାପାଙ୍କ ସହ ସ୍କୁଲରୁ ଫେରିଲା ବେଳେ ଝୁମାର ମନଦୁଃଖ ଦେଖି ବାପା ପଚାରିଥିଲେ ଝିଅକୁ କାହିଁକି ମନଦୁଃଖ ମୋ ମାଆର? ତ ଝୁମା କହିଥିଲା ଲୁନାର ଧଳା ଫ୍ରକଟିକୁ ସମସ୍ତେ ଖୁବ ପ୍ରଶଂସା କରିଥିଲେ। ସେତିକିରୁ ବାପା ବୁଝିଯାଇଥିଲେ।

ଘରକୁ ଫେରିବା ପରେ ବାପା ତାକୁ ବାଡ଼ିପଟକୁ ଡାକି ନେଇଥିଲେ। ଫୁଲ ବଗିଚାରେ ଫୁଟିଥିବା ଜାତି ଜାତି ଫୁଲକୁ ଦେଖାଇ ପଚାରିଥିଲେ, ଏହି ଫୁଲ ସବୁର ରଙ୍ଗ ଏକା ନା ଅଲଗା କହିଲୁ ମାଆ। ଝୁମା ଅଲଗା କହିବା ପରେ ବାପା କହିଥିଲେ ଏଥିରୁ ସବୁଠୁ କୋଉଟା ତତେ ଖୁବ ପସନ୍ଦ ଆଉ କୋଉ ରଙ୍ଗର ଫୁଲ ତତେ ଭଲଲାଗୁନି କହିପାରିବୁ ମାଆ? ଝୁମା ସବୁ ଫୁଲ ଗୁଡିକ ପାଖକୁ ଯାଇଥିଲା କିନ୍ତୁ ସମସ୍ତଙ୍କ ରଙ୍ଗ ତାକୁ ଭଲଲାଗୁଥିଲା। ଏଥର ସନ୍ଧ୍ୟା ଆକାଶର ବଉଦ ଓ ରାତି ଆକାଶର ଜହ୍ନ, ତାରା, ଉଲକା ତଥା ଦିନର ସୂର୍ଯ୍ୟଙ୍କ ରଙ୍ଗ ଏକା ନା ଅଲଗା କହିପାରିବୁ ଝିଅ ଝୁମା ବୋଲି ପଚାରି ଥିଲେ ବାପା ତ ଝୁମା କହିଥିଲା ସମସ୍ତଙ୍କର ପ୍ରାୟେ ଏକା ରଙ୍ଗ ଧଳା। ଆଚ୍ଛା ଏମାନଙ୍କ ଭିତରୁ ସବୁଠୁ ତୋର ପ୍ରିୟ କିଏ ଆଉ କାହାକୁ ତତେ ଭଲଲାଗେନା କହି ପାରିବୁ ଝିଅ। ଝୁମା ହସିଦେଇ କହିଥିଲା ସମସ୍ତେ ସମସ୍ତଙ୍କ ଜାଗାରେ ଖୁବ ସୁନ୍ଦର।



ବାପା ଏଥର ବୁଝେଇ ଦେଇଥିଲେ ଠିକ ସେମିତି ଲୁନାର ଧଳା ଡ୍ରେସ ଯେତିକି ସୁନ୍ଦର ତୋ ଧଳା ଡ୍ରେସ ମଧ୍ୟ ସେତିକି ସୁନ୍ଦର କିନ୍ତୁ ଆମ ଏଇ ମଣିଷ ଭିତରେ ଥିବା କିଛି ମନ୍ଦଗୁଣ ଯଥା ଅନ୍ୟ କାହାର ପ୍ରଶଂସା ଆମେ ସହିପାରୁନାହିଁ ତେଣୁ ଆମ ମନ ଦୁଃଖ ହୁଏ। ଯିଏ ଯୋଉ ସ୍ଥାନରେ ଅଛି ଯେମିତି ସୁନ୍ଦର। ପ୍ରତ୍ୟେକ ପ୍ରାକୃତିକ ପଦାର୍ଥ ଓ ହାତଗଢା ଜିନିଷ ମଧ୍ୟ ସେତିକି ସୁନ୍ଦର। ଏଥର ଝୁମା ବୁଝିପାରିଲା ତା ମନରେ ନାକାରାତ୍ମକ ଚିନ୍ତାଧାରା ଆସିବା ଫଳରେ ସେ ନିଜ ଡ୍ରେସକୁ ଲୁନା ଡ୍ରେସ ସହିତ ତୁଳନା କରି ମିଛଟାରେ ମନଦୁଃଖ କରୁଛି। ତା ପରଦିନ ସେ ଖୁସିରେ ସ୍କୁଲ ଯାଇ ଶୁଣିଥିଲା ସେ ଓ ଲୁନା ଦୁହେଁ ଦେଶାତ୍ମକ ସଂଗୀତ ଓ ନାଚରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଖୁସିରେ ସେ ଲୁନାକୁ କୁଣ୍ଢେଇ ପକାଇବା ସହ ସବୁ ଗୁରୁମା ଗୁରୁଜୀ ମାନଙ୍କୁ ପ୍ରଣାମ ଜଣେଇ ଘରକୁ ଫେରିଲା ପରେ ମାଆ ଓ ବାପାଙ୍କୁ ପ୍ରଣାମ କଲାବେଳେ କହୁଥିଲା ସତରେ ବାପା ମାଆ ସରସ୍ୱତୀଙ୍କୁ ଡାକି ନାଚ ଗୀତରେ ସଫଳତା ପାଇଛି। ହଁ ମାଆ କାହା ପ୍ରତି ମନରେ ହିଂସା, ଦ୍ୱେଷ, ରାଗ, ଅହଙ୍କାର ରଖୁନଥିବା ପିଲାମାନଙ୍କ ଭକ୍ତିରେ ମାଆ ସରସ୍ୱତୀ ପ୍ରସନ୍ନ ହୁଅନ୍ତି। ବାଗଦେବୀ ସରସ୍ୱତୀଙ୍କୁ ଭକ୍ତିଭରେ ପୂଜି ସମସ୍ତଙ୍କୁ ସ୍ନେହ ପ୍ରେମ ବାଣ୍ଟିଯିବି ବାପା। ବାପା କହୁଥିଲେ ନିଶ୍ଚୟ ମାଆ ଭକ୍ତି ଅପେକ୍ଷାର ଫଳ ଭାରି ମିଠା।

ସାକ୍ଷୀଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭

## !! ସଦ୍‌ଗତି !!

ମନୋଜ କୁମାର ବେହେରା

ଗାଡି ଘର ସାମନାରେ ଆସି ଅଟକିଲା, ବିକାସ ଗାଡିରୁ ଓହ୍ଲେଇ ଜୋର୍‌ରେ ଘରକୁ ପଶି ଆସିଲା । ଦେଖିଲା ବାରଣ୍ଡାରେ କଳ୍ପନା ଚିନ୍ତିତ ଆଉ ଦୁଃଖିତ ଅବସ୍ଥାରେ ଛିଡା ହୋଇଛନ୍ତି। ତାଙ୍କୁ ଦେଖି କହିଲା, ଆରେ ଦିଦି! ଆପଣ ବାହାରେ ଛିଡା ହୋଇଛନ୍ତି ଯେ..ମା' ଅଛି ତ? ମୋର କହିବାର ଅର୍ଥ ହେଲା, ମା' କେମିତି ଅଛନ୍ତି? କଳ୍ପନା ଯଥା ସମ୍ଭବ ନିଜର ସ୍ୱରକୁ ସଂଯମ କରି କହିଲା,'ଅବସ୍ଥାର ଏହି ସ୍ଥିତିରେ ନିଜର ଏକମାତ୍ର ଝିଅଠୁ ଦୂର କେମିତି ହେଇ ପାରିବ ସେ'। ସେ ତ ବହୁତ ଦିନ ଧରି ଅସୁସ୍ଥ ଅଛନ୍ତି, ଏବେ ତ ଡାକ୍ତର ମଧ୍ୟ ଉତ୍ତର ଦେଇ ସାରିଲେଣି, ଯେ କୌଣସି ମୁହୂର୍ତ୍ତରେ କିଛି ବି ହେଇପାରେ । ଆରେ..ତା'ହେଲେ ତୁମେ ମୋତେ ବତେଇଲ ନାହିଁ କାହିଁକି? ସକାଳେ ଯେମିତି ଭିଣେଇଙ୍କର ଫୋନ୍ ଆସିଲା,'ମୁଁ ଟିକିଏ ବି ଡେରି ନକରି ତୁରନ୍ତ ଏଠାକୁ ଚାଲି ଆସିଲି'! ଆରେ ଡେରି ତ ତୁମେ ବହୁତ କରିଦେଇଛ ଭିକି! ଏହା କଳ୍ପନା କହିଲା । ତୁମ ପାଖରେ କ'ଣ କିଛି କଥା ଲୁଚିଥିଲା କି? ବାଲେଶ୍ୱରରୁ କଟକ ଏମିତି ବେଶୀ ବାଟ ନୁହେଁ, ତୁମେ ଏହି ତିନି ବର୍ଷରେ କେତେଥର ଆସିଛ ଘରକୁ? କେତେ ଥର ମା'ର ବିଷୟରେ ଖବର ନେଇଛ କହିଲ? ସେତେବେଳେ ତୁମର ସ୍ତ୍ରୀ ତ ମା' ସହିତ ରହିବା ଆଦୌ ପସନ୍ଦ କରୁନଥିଲା। ତୁମର ଭିଣେଇ ନିଜର କର୍ତ୍ତବ୍ୟ ମାନିକରି ମା'କୁ ଏଠାକୁ ନେଇ ଆସିଥିଲେ । ଆରେ ତୁମେ ତ ପୁତ୍ର ତାଙ୍କର ନା'! ତୁମକୁ ମା'ର ବିଚାର ସେତେବେଳେ କାହିଁକି ଆସିଲାନି? ସେ ତ ଥରେ ମା'ଙ୍କ ମୁହଁରୁ ଏହା କହିବାର ଶୁଣିଥିଲେ କି,'ଆଖି ବନ୍ଦ ହେବା ପୂର୍ବରୁ ପ୍ରଥମେ ପୁଅର ହାତରୁ ଗଙ୍ଗାଜଳର ଗୋଟିଏ ଢୋକ ପିଇ ଦଲେ ମୋତେ ସଦ୍‌ଗତି ମିଳିଯିବ'। ତୁମ ଦୁହିଁଙ୍କର ବ୍ୟବହାର ଦେଖିକରି ଇଏ କହିଲେ,ଏହା ଗୋଟିଏ ପ୍ରକାରର ମା'ଙ୍କର ଅନ୍ତିମ ଇଚ୍ଛା ଅଟେ, ଆମକୁ ଯେମିତି ହେଲେ ପୁରା କରିବାକୁ ପଡିବ! ବିଗତ ତିନି ବର୍ଷରେ ଇଏ ମା'ଙ୍କର ଦେଖାଶୁଣା ନିଜ ପୁଅଠୁ ବଳିକରି କରିଛନ୍ତି । କିନ୍ତୁ ସଦ୍‌ଗତିର ପାଇଁ ଗଙ୍ଗାଜଳର ଅନ୍ତିମ ଢୋକ ପିଆଇବା ପାଇଁ ତୁମକୁ ଡକେଇ ଥିଲେ, ଯାଆ ଭିତରକୁ.. ଏହା ସବୁ ଶୁଣିକରି ବିକାସ ନିଜ ମୁଣ୍ଡ ତଳକୁ କରି ଭିତରକୁ ଗଲା । ତା'ର ଭିଣେଇ ଗିନାରେ ଥିବା ଗଙ୍ଗାଜଳକୁ ତା'ର ଆଡକୁ ବଢେଇ ଦେଲେ ଆଉ ମା'ଙ୍କୁ ପିଆଇବା ପାଇଁ ଇଙ୍ଗିତ କଲେ। ପୁଅକୁ ହଠାତ୍ ପାଖରେ ଦେଖିକରି ମା' ବହୁତ ହାଲୁକା ସ୍ୱରରେ ଅଟକି-ଅଟକି କରି କହିଲେ,'ଆସିଗଲା ବିକାସ,ବହୁତ ଡେରି କରିଦେଲୁ ରେ ପୁଅ!' ମା'..ଚାମୁଚରେ ଗଙ୍ଗାଜଳକୁ ନେଇକରି ଭରା ଗଳାରେ ବିକାସ କହିଲା, ନିଅ ମା'.. ସର୍ବଦା ଖୁସିରେ ରହରେ ପୁଅ! ମା' ଇଙ୍ଗିତ କରି ତାକୁ ଅଟକେଇ ଦେଲେ ଆଉ ଜୋଇଁଙ୍କୁ କହିଲେ, କଳ୍ପନାକୁ ଡାକି ଦିଅ ଆଉ ତୁମେ ନିଜ ହାତରେ ଗଙ୍ଗାଜଳ ମୋତେ ପିଆଇ କରି ମୋତେ ସଦ୍‌ଗତି ଦିଅ.. କଳ୍ପନା ମା'ର ପାଖକୁ ଆସିଲା, ତା'ର ସ୍ୱାମୀ ଗଙ୍ଗାଜଳର ଅନ୍ତିମ ଢୋକ ମା'ର ମୁହଁରେ ଦେଲେ, କଳ୍ପନାର ଆଖିରୁ ଦୁଇ ବୁନ୍ଦା ଲୁହ ବାହାରି କରି କେବେ ଗଙ୍ଗାଜଳରେ ମିଶିଗଲା,କେହି ଦେଖି ନଥିଲେ ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),
ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

## ବାପା



ମାଆଙ୍କ ଦେହାନ୍ତ ପରେ ଏକାକୀ ଗାଁରେ ରହୁଥିଲେ ବାପା। ଏକମାତ୍ର ପୁଅ ସୁକେଶ ସହରରେ ଚାକିରି କରେ। ମାସକୁ ଥରେ ସ୍ତ୍ରୀ ଠାରୁ ଅନୁମତି ନେଇ ବାପାଙ୍କୁ ଦେଖା କରିବାକୁ ଆସେ। ବାପାଙ୍କର ଭଲମନ୍ଦ ବୁଝାବୁଝି କରି ସର୍ତ୍ତ ଅନୁଯାୟୀ ସନ୍ଧ୍ୟା ପୂର୍ବରୁ ସ୍ତ୍ରୀ ଆଗରେ ତାକୁ ହାଜର ହେବାକୁ ପଡ଼େ। ଯଦି କୌଣସି କାରଣରୁ ସନ୍ଧ୍ୟା ଗଡିଯାଏ, ସ୍ତ୍ରୀ ଆଉ କବାଟ ଖୋଲେ ନାହିଁ। ସାରା ରାତି ତାଙ୍କୁ ବାହାରେ କାଟିବାକୁ ପଡେ। ତେଣୁ ଯଥା ଶୀଘ୍ର ସହରୀ ଘରେ ପହଞ୍ଚିବା ପାଇଁ ସେ ତତ୍ପର ହେଉଥିଲା। ପ୍ରତ୍ୟେକ ଥର ଗାଁକୁ ଆସିଲେ ବାପାଙ୍କର ନିଃସଙ୍ଗ ଜୀବନର ବ୍ୟଥା ଅନୁଭବ କରି ବ୍ୟଥିତ ହେଉଥିଲା ସୁକେଶ। ବାପା ବହୁତ ଖାଦ୍ୟପ୍ରିୟ। ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ଖାଇବାକୁ ସେ ଭଲ ପାଉଥିଲେ। ମାଆ ଥିଲାବେଳେ ତାଙ୍କର ମନ ଜାଣି ବିଭିନ୍ନ ପ୍ରକାରର ପିଠାପଣା, ଖାଇବା ଜିନିଷ ପ୍ରସ୍ତୁତ କରି ଅତି ସରାଗରେ ପରଷି ଦେଉଥିଲା। ପାଖରେ ବସି ବଳେଇ ବଳେଇ ଖୁଆଉ ଥିଲା। ବାପା ସାଧାରଣତଃ ସକାଳେ ଥରେ ଓ ସନ୍ଧ୍ୟାରେ ଥରେ ଚା' ପିଅନ୍ତି। ମାତ୍ର ଅନ୍ୟ ସମୟରେ ବି ମାଆ ତାଙ୍କୁ ଚାହା ଦେଇ କହୁଥିଲା - ଦେଖ , ଏଇଟା ତମ ପାଇଁ ସ୍ପେସାଲ। ବାପା ଆହ୍ଲାଦିତ ହୋଇ କହୁଥିଲେ - ଧନ୍ୟବାଦ! ତାପରେ ଏମିତି ଚା' ପିଉଥିଲେ... ଯେମିତି ତାହା ଅମୃତ !!

ଦିନେ ବାପାଙ୍କୁ ଦେଖା କରିବାକୁ ଯାଇଥିଲା ସୁକେଶ। ନିରୋଳାରେ ବାପା କହିଲେ - ତୋ ମା' ଗଲାପରେ ବାସ୍ତବିକ ମୁଁ ଏକୁଟିଆ ହୋଇଯାଇଛି। ସକାଳେ ଉଠିବା ଠାରୁ ଶୋଇଲା ପର୍ଯ୍ୟନ୍ତ ଛାଇଭଳି ସେ ମୋ ପଛେପଛେ ରହୁଥିଲା। କେତେବେଳେ କଣ ଦରକାର ସବୁ ତାକୁ ଜଣାଥିଲା। ମୋତେ କିଛି କହିବାକୁ ପଡେନି...ମାଗିବାକୁ ପଡେନି...ସବୁ ମୋତେ ମିଳି ଯାଉଥିଲା। ହେଲେ ତୋ ମାଆର କଣ ଦରକାର ସେ କେବେହେଲେ କିଛି କହୁ ନଥିଲା। ଆମକୁ ସୁସ୍ଥ ରଖିବା, ଖୁସିରେ ରଖିବା ଯେମିତି ତା ଜୀବନର ଏକମାତ୍ର ବ୍ରତ ଥିଲା !! କେବେହେଲେ ତ ରାଗିବାର ସୁଯୋଗ ସେ ଦେଉନଥିଲା, କୌଣସି କାରଣରୁ ତା ଉପରେ ବିରକ୍ତ ହେଲେ ଆଖିରୁ ତାର ଅବିଶ୍ରାନ୍ତ ଭାବେ ଲୁହ ଝରି ଆସୁଥିଲା। କିଛି କ୍ଷଣ ଉତ୍ତାରେ ତା ଆଖିର ଲୁହ ମୋ ଆଖିକୁ ସଂକ୍ରମିତ ହୋଇ ଆସୁଥିଲା। ତାର ଅବର୍ତ୍ତମାନରେ ଜୀବନ ଏବେ ଦୁର୍ବିସହ ବୋଧ ହେଉଚି। ସୁକେଶ ଭଲଭାବେ ବୁଝି ପାରୁଥିଲା ମାଆର ମୃତ୍ୟୁ ପରେ ବାପା କେତେ ଦୁଃଖୀ...କେତେ ଅସହାୟ !!

ଭାରାକ୍ରାନ୍ତ ମନ ନେଇ ଘରେ ପହଞ୍ଚିଲା ସୁକେଶ। ସ୍ତ୍ରୀର ମୁଡ୍ ଆକଳନ କରି ଭଲ ଥିବାର ଜାଣି ବାପାଙ୍କର ଦୂରବସ୍ଥା ସମ୍ପର୍କରେ ସୂଚନା ଦେଇ କହିଲା - ବାପା ବହୁତ କଷ୍ଟ ପାଉଛନ୍ତି। ଦୁଃଖରେ ରହୁଛନ୍ତି। ଭାବୁଚି ବାପାଙ୍କୁ ଏଠାକୁ ନେଇ ଆସିବି। ଆମକୁ ମଣିଷ କରିବାକୁ ଯାଇ ବାପା ତାଙ୍କର ରକ୍ତକୁ ପାଣି କରି କେତେ ସଂଘର୍ଷ କରିଛନ୍ତି ! ଆଜି ସେ କ୍ଳାନ୍ତ, ଶ୍ରାନ୍ତ ! ନିଃସହାୟ ! ଆମ ପାଖରେ ରହି ଅନ୍ତତଃ ଜୀବନର ଶେଷ ଅବସ୍ଥା ତାଙ୍କର ସୁଖରେ କଟୁ! ଏକୁଟିଆପଣରୁ ମୁକ୍ତି ପାଆନ୍ତୁ ! ବାସ୍ ..ତାପରେ ବାରୁଦରେ ନିଆଁ ଲାଗିଲା ଭଳି ଭୟଙ୍କର ବିସ୍ଫୋରଣ। ମୋ ବାପ ଗୋଟେ ବିଧବାକୁ ରଖିଥିବାରୁ ଦୁଃଖରେ ମାଆ ଶଯ୍ୟାଶାୟୀ। କେତେଥର କହିଲିଣି ମୋ ମାଆକୁ ନେଇଆସ। ତାର ଡାକ୍ତରୀ ଚିକିତ୍ସା ଦରକାର। ସେବା ଶୁଶ୍ରୁଷା ଦରକାର। ସେ ସୁସ୍ଥ ହୋଇ ଆମ ପାଖରେ ଖୁସିରେ ରହୁ। ହେଲେ ତମେ ଆଜିଯିବି କାଲିଯିବି କହି ଏପର୍ଯ୍ୟନ୍ତ ଆଣିବାକୁ ଗଲନି। ମୋ ମାଆ ଆଖି ଲୁହରେ କେତେ ତକିଆ ଭିଜୁଚି, ତମେ କଣ ତାର ହିସାବ ରଖିଚ ! ସ୍ତବ୍ଧ ସୁକେଶ ନିରୀହ ଭାବେ ହାତ ଯୋଡ଼ି କହିଲା - ମୋର ଭୁଲ ହୋଇ ଯାଇଛି। କାଲି ତମ ମାଆକୁ ନେଇ ଆସୁଚି।

ଶାଶୁ ଆସିବାର କିଛି ଦିନ ପରେ ନିରନ୍ତର ଚିକିତ୍ସା ଫଳରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିଲେ। ସ୍ତ୍ରୀ ଠାରୁ ଶାଶୁ ଅଧିକ କାଳୀ ଆଉ ଅସୁନ୍ଦରୀ । ହେଲେ ବୁଢ଼ୀ ବୟସରେ ବିଉଟି ପାର୍ଲର ଯାଇ, ଡ୍ରେସ ପିନ୍ଧି ନିଜକୁ ସୁନ୍ଦରୀ ଯୁବତୀ ଭଳି ମନେ କରନ୍ତି। ବେଳେବେଳେ ସ୍ତ୍ରୀ ତାଙ୍କୁ କହେ - ମାଆ ତମେ ଆଜି ବହୁତ ସୁନ୍ଦର ଦେଖା ଯାଉଚ... ଲାଗୁଚ ଯେମିତି ମୋ ବଡ଼ ଭଉଣୀ। ଶାଶୁ ଛାତି ଫୁଲେଇ ହସନ୍ତି ..ଆତ୍ମ ତୃପ୍ତିର ହସ। ଦିନେ ମାଆ ଝିଅ ହସ ଖୁସିରେ ଥିଲାବେଳେ ଗାଁକୁ ଯାଇ ବାପାଙ୍କୁ ଆଣିବା ପାଇଁ ସ୍ତ୍ରୀ ଠାରୁ ଅନୁମତି ଲୋଡିଲେ ସୁକେଶ। ସ୍ତ୍ରୀ କିଛି କହିବା ପୂର୍ବରୁ ଶାଶୁ କହିଲେ - ବିଚରା ବୁଢ଼ା ଲୋକ ଏକୁଟିଆ ଗାଁରେ ରହି କେତେ ଦୁଃଖ ପାଉଛନ୍ତି ! ଝିଅକୁ କଣ ପଚାରୁଚ। ତୁରନ୍ତ ଯାଇ ତାଙ୍କୁ ନେଇ ଆସ। ଏଠାରେ ଆମେ ସମସ୍ତେ ମିଳିମିଶି ହସଖୁସିରେ ଚଳିବା।



ସନ୍ତୋଷ ମିଶ୍ର

ବାପା ଆସିବା ପରେ ତାଙ୍କୁ ସବୁ ପ୍ରକାରେ ଖୁସିରେ ରଖିବା ପାଇଁ ଚେଷ୍ଟା କଲା ସୁକେଶ। ସପ୍ତାହେ ବିତି ଯିବା ପରେ ଦିନେ ରାତିରେ ସ୍ତ୍ରୀ କହିଲା - ତମ ବାପାଙ୍କର ଖରାପ ନଜର ପଡିଛି ମୋ ମାଆ ଉପରେ। ମୋ ମାଆ ସବୁ ସହିବ, ହେଲେ ତାକୁ କଳଙ୍କିତ କରିବାକୁ ଚାହୁଁ ଥିବା ପୁରୁଷକୁ ସେ କେବେ ହେଲେ ସହ୍ୟ କରି ପାରିବନି। ତେଣୁ ତମ ବାପାଙ୍କୁ ଗାଁରେ ଛାଡି ଦେଇ ଆସ। ନହେଲେ ବାପ ପୁଅ ଦୁହେଁ ଜେଲ୍ ଯିବା ପାଇଁ ପ୍ରସ୍ତୁତ ହୁଅ। ମାଆ କାଲି ଥାନାରେ ତମ ବାପାଙ୍କ ବିରୁଦ୍ଧରେ ଧର୍ଷଣ ଉଦ୍ୟମ ଅଭିଯୋଗ ଆଣିବ। ମୁଁ ବି କାଲି ତମ ବିରୁଦ୍ଧରେ ଯୌତୁକ ନିର୍ଯାତନା ସମ୍ପର୍କିତ ଏଫ୍. ଆଇ. ଆର୍ ଦାଖଲ କରିବି। ଭରଣ ପୋଷଣ ପାଇଁ ମୋକଦ୍ଦମା ବି କରିବି। ମୋ ବାପଘର ପାଖରେ ଥିବା ମୋର ପୂର୍ବତନ ପୁରୁଷ ବନ୍ଧୁ ଏପର୍ଯ୍ୟନ୍ତ ବିକଳ ହୋଇ ଅପେକ୍ଷା କରିଛି ମୋତେ ବିବାହ କରିବା ପାଇଁ। ତାକୁ ବିବାହ କରି ତମଠୁ ଭରଣ ପୋଷଣ ବାବଦକୁ ଅର୍ଥ ନେଇ ମୁଁ ବେଶ୍ ଆରାମରେ ଚଳି ପାରିବି। ତମେ କୋର୍ଟ ରେ ପ୍ରମାଣ କରି ପାରିବନି ମୁଁ ଦ୍ୱିତୀୟ ବିବାହ କରିଛି ବୋଲି। କାରଣ ଆଇନ୍ ଅନ୍ଧ। ତେଣୁ ଭାବିଚିନ୍ତି ଯାହା କରିବା କଥା କର।

ପରଦିନ ବାପାଙ୍କୁ ନେଇ ଗାଁରେ ଛାଡି ଆସିଲା ସୁକେଶ। ବାପାଙ୍କୁ ପ୍ରଣାମ କରି କହିଲା - ବାପା, ମୁଁ ତମର ଅଯୋଗ୍ୟ ପୁତ୍ର। ମୋତେ କ୍ଷମା କରିଦିଅ । ବାପା ସୁକେଶର ମୁଣ୍ଡରେ ହାତ ରଖି କହିଲେ - ଏଥିରେ ତୋର କିଛି ଦୋଷ ନାହିଁ । ଏଥିପାଇଁ ପ୍ରଚଳିତ ଆଇନ୍ କାନୁନ୍ ବ୍ୟବସ୍ଥା ହିଁ ଦାୟୀ । ସେଥିଲାଗି ପାଶ୍ଚାତ୍ୟ ଦେଶ ଭଳି ଆମ ଦେଶରେ ଲିଭ୍ ଇନ୍ ପ୍ରଥା ବହୁଳ ଭାବେ ପ୍ରଚଳିତ ହେଲାଣି। ସମୟ ଆସୁଚି , ବିବାହ ନକରି ଲିଭ୍ ଇନ୍ ରେ ରହିବା ପାଇଁ ଯୁବବର୍ଗ ଅଧିକ ପସନ୍ଦ କରିବେ !!!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

# ଆଇସିସି ଦିନିକିଆ ମାନ୍ୟତା : ଶୀର୍ଷ ସ୍ଥାନ ଫେରି ପାଇଲେ ରୋହିତ ଶର୍ମା

**ଦୁବାଇ**

ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ବ୍ୟାଟିଂ ମାନ୍ୟତା ତାଲିକାରେ ରୋହିତ ଶର୍ମା ପୁନର୍ବାର ଶୀର୍ଷ ସ୍ଥାନ ଫେରି ପାଇଛନ୍ତି। ଗତ ସପ୍ତାହରେ ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ତାଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନ ଦଖଲ କରିଥିଲେ। ରୋହିତ ୭୮୧ ପଏଣ୍ଟ ଅର୍ଜନ କରିଛନ୍ତି। ମିଚେଲ ୭୬୬ ପଏଣ୍ଟ ସହ ଦ୍ୱିତୀୟ, ଆଫଗାନିସ୍ତାନର ଇବ୍ରାହିମ ଜାଡ୍ରାନ ୭୬୪ ପଏଣ୍ଟ ସହ ତୃତୀୟ, ଶୁଭମନ ଗିଲ୍ ୭୪୫ ପଏଣ୍ଟ ସହ ଚତୁର୍ଥ ଓ ବିରାଟ କୋହଲି ୭୨୫ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଶ୍ରେୟାସ ଆୟର ନବମ ସ୍ଥାନ ଦଖଲ କରିଛନ୍ତି। ଆସନ୍ତା ୩୦ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ। ଏହି ସିରିଜ ମାନ୍ୟତା ତାଲିକାକୁ ପ୍ରଭାବିତ କରିବ। ଇତି ମଧ୍ୟରେ ରୋହିତ ଓ କୋହଲି ରାଞ୍ଚିରେ ପହଞ୍ଚି ପ୍ରଥମ ଦିନିକିଆ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।



## ମହିଳା ପ୍ରିମିୟର ଲିଗ୍-୨୦୨୬

# ସବୁଠାରୁ ମହଙ୍ଗା ଖେଳାଳି ହେଲେ ଦୀପ୍ତି ଶର୍ମା

**ନୂଆଦିଲ୍ଲୀ**

ମହିଳା ପ୍ରିମିୟର ଲିଗ୍ ଅକ୍ସନରେ ବାଜି ମାରିଲେ ଦୀପ୍ତି ଶର୍ମା। ମହିଳା ପ୍ରିମିୟର ଲିଗ୍ ୨୦୨୬ ନିଲାମ ମାର୍କି ଖେଳାଳିଙ୍କ ସହ ହୋଇଛି। ଏହି କ୍ୟାଟେଗୋରୀରେ ପ୍ରାୟ ୮ଖେଳାଳି ଥିଲେ। ୭ ମାର୍କି ଖେଳାଳିଙ୍କୁ ତାଙ୍କ ଟିମ୍ ମିଳିଯାଇଛି। କିନ୍ତୁ ଏହି ରାଉଣ୍ଡରେ ଆଶ୍ଚର୍ଯ୍ୟ କଲା ଭଳି କଥା ଏହା କି ଏଲିସା ହାଲି ଅନସୋଲ୍ଡ ରହିଛନ୍ତି। ଏହି ରାଉଣ୍ଡର ସବୁଠାରୁ ମହଙ୍ଗା ଖେଳାଳି ଅଲରାଉଣ୍ଡର ଦୀପ୍ତି ଶର୍ମା ହୋଇଛନ୍ତି। ଯାହାଙ୍କ ଲାଗି ୟୁପି ୱାରିୟର୍ସ ଆରଟିଏମର ବ୍ୟବହାର କରିଛନ୍ତି। ଦେଖନ୍ତୁ ବିକ୍ରି ହୋଇଥିବା ୯ ମାର୍କି ଖେଳାଳିଙ୍କୁ କେଉଁ ଟିମ୍ କେତେ ପ୍ରାଇସ୍‌ରେ କିଣିଛି।

ୟୁପି ୱାରିୟର୍ସକୁ ଫେରିବା ନେଇ ଦୀପ୍ତି ଶର୍ମା କହିଛନ୍ତି, 'ବହୁତ ଭଲ ଲାଗୁଛି। ମୁଁ ୟୁପିରୁ ଆସିଛି, ତେଣୁ ଏହି ଦଳ ସହିତ ମୋର ଏକ ଦୃଢ଼ ସମ୍ପର୍କ ଅଛି। ଏଠାକାର ପରିଚାଳନା ବହୁତ ଭଲ ଏବଂ ସହାୟକ ମଧ୍ୟ। ମହିଳା ପ୍ରିମିୟର ଲିଗ୍ ମୋର ପ୍ରଦର୍ଶନକୁ ଉନ୍ନତ କରିବାରେ ମୋତେ ବହୁତ ସାହାଯ୍ୟ କରିଛି।' ଦୀପ୍ତି ଶର୍ମା ମହିଳା ପ୍ରିମିୟର ଲିଗ୍ ୨୦୨୬ନିଲାମ ତାଲିକାରେ ଆଲିସା ହିଲିଙ୍କ ପଛରେ ତୃତୀୟ ସ୍ଥାନରେ ରହିଥିଲେ। ହିଲିଙ୍କ ବିକ୍ରି ନ ହେବା ନିଲାମରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଥିଲା। ଶେଷରେ ଦିଲ୍ଲୀ ତାଙ୍କ ମୂଳ ମୂଲ୍ୟରେ ନିଲାମ ଦେଇଥିଲେ। ଅନ୍ୟ କୌଣସି ଦଳ ଆଗ୍ରହ ଦେଖାଇବା ପରେ, ଦିଲ୍ଲୀରେ ବିକ୍ରି ହୋଇଥିଲେ। କିନ୍ତୁ ୟୁପି ତାଙ୍କ ଉପରେ ଆରଟିଏମ୍ ବ୍ୟବହାର କରିଥିଲା। ଯାହା ପରେ ଦିଲ୍ଲୀ ଏହାର ଚୂଡ଼ାନ୍ତ ମୂଲ୍ୟ ୩କୋଟି ୨୦ ଲକ୍ଷ ଟଙ୍କା କହିଥିଲା ମାତ୍ର ୟୁପି ଆରଟିଏମର ବ୍ୟବହାର କରି ଦିପ୍ତୀଙ୍କୁ କିଣିଛି।



ଦୀପ୍ତି ଶର୍ମାଙ୍କ ମୂଲ୍ୟ : ୩ କୋଟି ୨୦ଲକ୍ଷ ଟଙ୍କା (ୟୁପି ୱାରିୟର୍ସ)।

ମାର୍କି ରାଉଣ୍ଡରେ ବିକ୍ରି ହୋଇଥିବା ଖେଳାଳି ଏବଂ ସେମାନଙ୍କ ମୂଲ୍ୟ : ସୋଫି ଡିଭାଇନ୍ – ୨ କୋଟି (ଗୁଜୁରାଟ ଜାଏଣ୍ଟ୍ସ), ଦୀପ୍ତି ଶର୍ମା – ୩.୨ କୋଟି (ୟୁପି ୱାରିୟର୍ସ), ଏମେଲିଆ କେର – ୩କୋଟି (ମୁମ୍ବାଇ ଇଣ୍ଡିଆନ୍ସ), ରେଣୁକା ସିଂ- ୬୦ଲକ୍ଷ (ଗୁଜୁରାଟ ଜିଆଣ୍ଟସ୍), ସୋଫି ଏକ୍ଲେଷ୍ଟନ୍ – ୮୫ଲକ୍ଷ (ୟୁପି ୱାରିୟର୍ସ), ମେଗ୍ ଲାନିଙ୍ଗ୍ – ୧.୯କୋଟି (ୟୁପି ୱାରିୟର୍ସ), ଲୋରା ୱୋଲ୍ଭାଡ୍ଟ - ୧.୧ କୋଟି (ଦିଲ୍ଲୀ କ୍ୟାପିଟାଲ୍ସ)।

ୟୁପି ୱାରିୟର୍ସ ମାର୍କି ରାଉଣ୍ଡରେ ତିନି ଜଣ ଖେଳାଳିଙ୍କୁ କିଣିଥିଲା, ଯେଉଁଥିରେ ଦୀପ୍ତି ଶର୍ମା (୩.୨ କୋଟି), ସୋଫି ଏକ୍ଲେଷ୍ଟନ୍ (୮୫ ଲକ୍ଷ) ଏବଂ ମେଗ୍ ଲ୍ୟାନିଂ(୧.୯କୋଟି) ସାମିଲ ଥିଲେ। ଏହି ରାଉଣ୍ଡରେ ଗୁଜରାଟ ଜାୟଣ୍ଟ୍ସ ଦୁଇ ଜଣ ଖେଳାଳି (ସୋଫି ଡେଭାଇନ୍ ଏବଂ ରେଣୁକା ସିଂହ)ଙ୍କୁ ନିଜ ଦଳରେ ସାମିଲ କରିଛି।

# ଭଞ୍ଜ ଟ୍ରଫି ୨୦୨୫ : ସମ୍ବଲପୁରକୁ ହରାଇ ମରାଠା ଏକାଦଶ ସେମିରେ



**ଭଞ୍ଜନଗର**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜେଲ ପଡ଼ିଆରେ ସର୍ବଭାରତୀୟ ଭଞ୍ଜ ଟ୍ରଫି-୨୦୨୫ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ଗୁରୁବାର ଗ୍ରୁପ ବି'ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସମ୍ବଲପୁର ଜିଲ୍ଲା କୁଚିଣ୍ଡା (ବିଏଫସି) ସହ ଭଞ୍ଜନଗର ମରାଠା ଏକାଦଶ ଦଳ ମଧ୍ୟରେ ହୋଇଥିଲା। ଏଥିରେ ମରାଠା ଏକାଦଶ ୨-୧ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି।

ଦୁଇ ଦଳ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ଶୁକ୍ରବାର ଫୁଲବାଣୀ ଜେଡି କ୍ଲବ ସହ ହାଇଦ୍ରାବାଦ ତେଲେଙ୍ଗାନା ପୋଲିସ ସ୍ପୋର୍ଟସ କ୍ଲବ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଗୁରୁବାର ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ତନରଡ଼ା ଆଇଆରବି ୮ମ ସ୍ୱତନ୍ତ୍ର ବାଟାଲିୟନ କମାଣ୍ଡିଂ ଅଫିସର ସୁଧାକର ମିଶ୍ର ଯୋଗ ଦେଇଥିବା ବେଳେ ଭଞ୍ଜନଗର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନ, ଜଗନ୍ନାଥ ପ୍ରସାଦ ବ୍ଲକ ଉପାଧ୍ୟକ୍ଷ ନୀଳାଚଳ ଖିଲାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଆୟୋଜକ ଭଞ୍ଜ ଟ୍ରଫି ସଭାପତି ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପ୍ରସାଦ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ମ୍ୟାଚ୍‌କୁ ରେଫରୀ ଦେବଦ୍ରତ ବେହେରା, ସୁଜିତ ରାଜହଂସ, ଦିଲ୍ଲୀପ କୁମାର ରାଉତ, ମ୍ୟାଚ୍ କମିଶନର ପି. ଆନନ୍ଦ ରାଓ ଏବଂ ପି. ରମେଶ ପରିଚାଳନା କରିଥିଲେ।

# ଓଡ଼ିଶାରେ ଚତୁର୍ଥ ଥର ପାଇଁ ଆୟୋଜିତ ହେବ ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଡିସେମ୍ବର ମାସ ୯ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ୍ ଠାରେ ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। ବ୍ୟାଡ଼ମିଣ୍ଟନ ୱାର୍ଲଡ଼୍ ଫେଡ଼େରେସନ୍, ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ।

ଓଡ଼ିଶାରେ ଚତୁର୍ଥ ଥର ପାଇଁ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। କଳିଙ୍ଗ ଷ୍ଟାଡ଼ିୟମ ଠାରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟର ଆୟୋଜନ ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ୨୨ଟି ଦେଶ - ଭାରତ, ଫିନଲ୍ୟାଣ୍ଡ, ହଙ୍ଗକଙ୍ଗ ଚାଇନା, ଶ୍ରୀଲଙ୍କା, ମ୍ୟାଲେସିଆ, ଇଜରେଲ, ଜାପାନ, ସ୍ପେନ୍, ଇଜିପ୍ଟ, ଇଣ୍ଡୋନେସିଆ, ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଥାଇଲାଣ୍ଡ, ବଲଗେରିଆ, ଚାଇନିଜ-ତାଇପେଇ, ୟୁଏଇ, ଉଗାଣ୍ଡା, ସାଉଦି ଆରବିଆ, ଭେନେଜୁଆଲା, ରସିଆ, ବାଙ୍ଗଲାଦେଶର କ୍ରୀଡ଼ାବିତ୍‌ମାନେ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ କରିବେ। ୨୨ଟି ଦେଶରୁ ୪୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପୁରୁଷ ସିଙ୍ଗଲସ୍

ପୁରୁଷ ସିଙ୍ଗଲସ୍, ମହିଳା ସିଙ୍ଗଲସ୍, ପୁରୁଷ ଡ଼ବଲସ୍, ମହିଳା ଡବଲସ୍, ଏବଂ ମିକ୍ସଡ଼ ଡ଼ବଲସ୍ କ୍ୟାଟାଗୋରୀରେ ଆୟୋଜିତ ହେବ। ବିଶ୍ୱର ଟପ୍ ର୍ୟାଙ୍କିଙ୍ଗ ବ୍ୟାଡ଼ମିଣ୍ଟନ ଖେଳାଳୀମାନେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ ବୋଲି ସୂଚନା ଦେଇଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଏଥିସହ ଡିସେମ୍ବର ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ୩୭ତମ ଜାତୀୟ ସବ ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ୍‌ର ଆୟୋଜନ କଳିଙ୍ଗ ଷ୍ଟାଡ଼ିୟମ ଠାରେ କରାଯିବ। ଅଣ୍ଡର-୧୫ ଓ ଅଣ୍ଡର-୧୭ରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ସାରା ଦେଶରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରାୟ ୭୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ଅଣ୍ଡର-୧୫ ଓ ଅଣ୍ଡର-୧୭ ଟିମ୍‌ରେ ମୋଟ ୨୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ବିଗତ ଦିନରେ ଓଡ଼ିଶାରେ ୱାର୍ଲଡ଼୍ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ଏବଂ ଏସିଆନ ଟେବୁଲ ଟେନିସ ଚାମ୍ପିୟନସିପ ଭଳି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ ସଫଳତାର ସହ କରାଯାଇଛି। ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରି ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶା ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସହ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଛନ୍ତି। ଓଡ଼ିଶା ଷ୍ଟେଟ୍ ବ୍ୟାଡ଼ମିଣ୍ଟନ ଆସୋସିଏସନ୍‌ର ସଭାପତି ରାଜେଶ ପ୍ରଭାକର ପାଟିଲ୍ କହିଛନ୍ତି ଯେ, ଓଡ଼ିଶାରେ ଏହି ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବା ଆମ ପାଇଁ ଗର୍ବର ବିଷୟ। ଏହା ଓଡ଼ିଶାର ସମସ୍ତ କ୍ରୀଡ଼ାପ୍ରତିଭାମାନଙ୍କୁ ପ୍ରେରିତ କରିବ। ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରି ବିଶ୍ୱକ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମାଷ୍ଟର୍ସ ୨୦୨୫ ଟୁର୍ଣ୍ଣାମେଣ୍ଟ ଆୟୋଜନ ଏବଂ ବ୍ୟାଡ଼ମିଣ୍ଟନ ଖେଳର ପ୍ରଚାର ଓ ପ୍ରସାର ପାଇଁ ଉଦ୍ଦିଷ୍ଟ ଏକ ପ୍ରଚାର ଭ୍ୟାନକୁ ପତାକା ଦେଖାଇ ମନ୍ତ୍ରୀ ଶ୍ରୀ ସୂରଜ ଏହାର ଶୁଭାରମ୍ଭ କରିଥିଲେ। ଏଥିସହ ଓଡ଼ିଶା ମାଷ୍ଟର୍ସ ୨୦୨୫ ଟୁର୍ଣ୍ଣାମେଣ୍ଟର ଲୋଗୋ ଉନ୍ମୋଚିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ମାସ୍କଟ 'ଓଲି' ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତ କ୍ରୀଡ଼ା ପ୍ରଶଂସକମାନଙ୍କୁ ଉତ୍ସାହିତ କରିଥିଲେ।



# ଭାରତର ଶୋଚନୀୟ ପରାଜୟ ପରେ ମୁହଁ ଖୋଲିଲେ ଶୁବମନ ଗିଲ

**ନୂଆଦିଲ୍ଲୀ**

ବେକ ଆଘାତ ଯୋଗୁ ଦ୍ୱିତୀୟ ଟେଷ୍ଟ ଖେଳିପାରି ନ ଥିବା ଅଧିନାୟକ ଶୁବମନ ଗିଲ ଦକ୍ଷିଣ ଆଫ୍ରିକାଠାରୁ ୦-୨ରେ ସିରିଜ୍ ହାରିବା ପରେ ମୁହଁ ଖୋଲିଛନ୍ତି। ସେ ଏକତା ପ୍ରଦର୍ଶନ କରି କହିଛନ୍ତି, ପରାଜୟ ସତ୍ତ୍ୱେ ଦଳ ଆହୁରି ଶକ୍ତିଶାଳୀ ହେବ। ଦୁଇ ଟେଷ୍ଟ ବିଶିଷ୍ଟ ସିରିଜ ଭାରତ ପାଇଁ ଅପମାନଜନକ ଥିଲା। ଦକ୍ଷିଣ ଆଫ୍ରିକା କୋଲକାତାରେ ପ୍ରଥମ ଟେଷ୍ଟରେ ଆୟୋଜକ ଦଳକୁ ୩୦ ରନରେ ଏବଂ ଗୌହାଟୀରେ ଦ୍ୱିତୀୟ ଟେଷ୍ଟରେ ୪୦୮ ରନରେ ପରାସ୍ତ କରି କ୍ଲିନ ସୁଇପ୍ କରିଥିଲା। ଏହା ୨୫ ବର୍ଷ ମଧ୍ୟରେ ଭାରତୀୟ ମାଟିରେ ଦକ୍ଷିଣ ଆଫ୍ରିକାର ପ୍ରଥମ ବିଜୟ। ଏହି ପରାଜୟ ଦଳର ପ୍ରଦର୍ଶନ ଏବଂ ନେତୃତ୍ୱକୁ ସମାଲୋଚନା କରିଥିଲା ଏବଂ ପ୍ରଶଂସକମାନେ କୋଚ ଗୌତମ ଗମ୍ଭୀରଙ୍କୁ ମଧ୍ୟ ଟାର୍ଗେଟ୍ କରିଥିଲେ। ଗିଲ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଲେଖିଛନ୍ତି, ଶାନ୍ତ ସମୁଦ୍ର ତୁମକୁ କିପରି ଗତି କରିବାକୁ ହୁଏ ତାହା ଶିଖାଏ ନାହିଁ, କିନ୍ତୁ ଝଡ଼ ତୁମକୁ ଅଧିକ ଶକ୍ତିଶାଳୀ କରିଥାଏ। ଆମେ ପରସ୍ପର ଉପରେ ନିର୍ଭର କରି ଚାଲିବୁ, ପରସ୍ପର ପାଇଁ ଲଢ଼ିବୁ ଏବଂ ଆଗକୁ ବଢ଼ିବୁ, ଆହୁରି ଦୃଢ଼ ଏବଂ ଶକ୍ତିଶାଳୀ ହେବୁ। ଦକ୍ଷିଣ ଆଫ୍ରିକା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଗୌହାଟୀ ଟେଷ୍ଟରେ ପ୍ରାଧାନ୍ୟ ବିସ୍ତାର କରିଥିଲା। ଦକ୍ଷିଣ ଆଫ୍ରିକା ଟିମ୍ ଇଣ୍ଡିଆ ପାଇଁ ୫୪୯ ରନର ଲକ୍ଷ୍ୟ ରଖିଥିଲା। ଜବାବରେ ଭାରତୀୟ ବ୍ୟାଟିଂ ମାତ୍ର ୧୪୦ ରନରେ ଅଲଆଉଟ ହୋଇଯାଇଥିଲା। ମାର୍କୋ ଜାନସେନ ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ପାଇଁ ସବୁଠାରୁ ବଡ଼ ଖଳନାୟକ ପ୍ରମାଣିତ ହୋଇଥିଲେ। ପ୍ରଥମ ଇନିଂସରେ ୯୩ ରନ କରିବା ସହିତ ୬ଟି ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ଏଡେନ ମାର୍କରାମ ମୋଟ ୯ଟି କ୍ୟାଚ୍ ନେଇଥିଲେ, ଯାହା ଗୋଟିଏ ଟେଷ୍ଟ ମ୍ୟାଚ୍‌ରେ ଜଣେ ଫିଲ୍ଡରଙ୍କ ଦ୍ୱାରା ସର୍ବାଧିକ।

# ଟେଷ୍ଟ ସିରିଜ୍‌ରେ ଭାରତର ଖରାପ ପ୍ରଦର୍ଶନ ନେଇ କ୍ଷମା ମଗିଲେ ରିଷଭ ପନ୍ତ

**ନୂଆଦିଲ୍ଲୀ**

ରିଷଭ ପନ୍ତଙ୍କ ଅଧିନାୟକତ୍ୱରେ, ଟିମ୍ ଇଣ୍ଡିଆ ଗୁଆହାଟିରେ ଦ୍ୱିତୀୟ ଟେଷ୍ଟକୁ ୪୦୮ ରନର ବିଶାଳ ସ୍କୋରରେ ପରାସ୍ତ ହୋଇଥିଲା। ଏହା ସହିତ ଦକ୍ଷିଣ ଆଫ୍ରିକା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିଥିଲା। ଭ୍ରମଣକାରୀ ଦଳ ପ୍ରଥମ ଟେଷ୍ଟରେ ମଧ୍ୟ ଭାରତକୁ ଖରାପ ଭାବରେ ପରାସ୍ତ କରିଥିଲା। ଗିଲଙ୍କ ଆଘାତ ଯୋଗୁ ରିଷଭ ପନ୍ତଙ୍କୁ ଦ୍ୱିତୀୟ ଟେଷ୍ଟରେ ଅଧିନାୟକ ହେବାର ସୁଯୋଗ ମିଳିଥିଲା, ତଥାପି ଦ୍ୱିତୀୟ ମ୍ୟାଚ୍‌ରେ ପନ୍ତଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ନିରାଶାଜନକ ଥିଲା। ଉଭୟ ଇନିଂସରେ ପନ୍ତଙ୍କ ମୋଟ ସ୍କୋର ମାତ୍ର ୨୦ ଥିଲା। ଏବେ ପନ୍ତ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ପ୍ରଶଂସକମାନଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ରିଷଭ ପନ୍ତ ମଧ୍ୟ ସ୍ୱୀକାର କରିଛନ୍ତି ଯେ ଟେଷ୍ଟ ସିରିଜରେ ଟିମ ଇଣ୍ଡିଆର ପ୍ରଦର୍ଶନ ଖରାପ ଥିଲା। ସେ ଲେଖିଛନ୍ତି, 'କେହି ଅସ୍ୱୀକାର କରିପାରିବେ ନାହିଁ ଯେ ଆମେ ଗତ ଦୁଇ ସପ୍ତାହରେ ଭଲ କ୍ରିକେଟ ଖେଳିନାହୁଁ। ଏକ ଦଳ ଭାବରେ ଏବଂ ବ୍ୟକ୍ତିଗତ ଭାବରେ, ଆମେ ସର୍ବଦା ସର୍ବୋଚ୍ଚ ସ୍ତରରେ ପ୍ରଦର୍ଶନ କରିବାକୁ ଏବଂ କୋଟି କୋଟି ଭାରତୀୟଙ୍କ ମୁହଁରେ ହସ ଆଣିବାକୁ ଚାହୁଁ।' ରିଷଭ ପନ୍ତ ଆହୁରି ଲେଖିଛନ୍ତି, 'ଦୁଃଖିତ, ଆମେ ଏଥର ଆଶା ପୂରଣ କରିପାରିଲୁ ନାହିଁ, କିନ୍ତୁ କ୍ରୀଡ଼ା ଆପଣଙ୍କୁ ଶିଖିବା, ଅନୁକୂଳ ହେବା ଏବଂ ବଢ଼ିବା ଶିଖାଏ। ଏକ ଦଳ ଭାବରେ ଏବଂ ବ୍ୟକ୍ତିଗତ ଭାବରେ। ଭାରତକୁ ପ୍ରତିନିଧିତ୍ୱ କରିବା ଆମ ଜୀବନର ସବୁଠାରୁ ବଡ଼ ସମ୍ମାନ।' ସେ ଆହୁରି ଲେଖିଛନ୍ତି, 'ଆମେ ଜାଣୁ ଯେ ଏହି ଦଳ କ'ଣ କରିପାରିବ, ଏବଂ ଆମେ କଠିନ ପରିଶ୍ରମ କରିବୁ, ପୁନଃଗଠିତ ହେବୁ, ପୁନଃ ଧ୍ୟାନ ଦେବୁ ଏବଂ ଏକ ଦଳ ଭାବରେ ଏବଂ ବ୍ୟକ୍ତିଗତ ଭାବରେ ଆହୁରି ଭଲ ଭାବରେ ଫେରିବା ପାଇଁ ପୁନଃସ୍ଥାପିତ ହେବୁ। ଆପଣଙ୍କର ଅଟଳ ସମର୍ଥନ ଏବଂ ପ୍ରେମ ପାଇଁ ଧନ୍ୟବାଦ!'

# ୟୁପିଏସସିର ଶତାବ୍ଦୀ ସମ୍ମେଳନ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର

- ୟୁପିଏସସିର ଶତାବ୍ଦୀ ସମାରୋହ ସମ୍ବିଧାନ ନିର୍ମାତାଙ୍କ ବିଜ୍ଞତା ପ୍ରତି ଶ୍ରଦ୍ଧାଞ୍ଜଳି : ଡକ୍ଟର ପି.କେ. ମିଶ୍ର
- ୟୁପିଏସସିର ପ୍ରତିଭା ସେତୁ ଅନ୍ତିମ ପର୍ଯ୍ୟାୟ ପ୍ରାର୍ଥୀମାନଙ୍କୁ ଦେଶବ୍ୟାପୀ ରହିଥିବା ସୁଯୋଗ ସହ ଯୋଡୁଛି : ଡକ୍ଟର ପି.କେ. ମିଶ୍ର
- ମିଶନ କର୍ମଯୋଗୀ ପ୍ରଶାସନିକ ସେବା କର୍ମଚାରୀଙ୍କ ପାଇଁ ଆଜୀବନ ଶିକ୍ଷାକୁ ପ୍ରୋତ୍ସାହନ ଦେଉଛି : ଡକ୍ଟର ପି.କେ. ମିଶ୍ର
- ବିକଶିତ ଭାରତ ଅଭିମୁଖେ ଭାରତର ଯାତ୍ରାର କେନ୍ଦ୍ରରେ ନାଗରିକ ସେବା ରହିଛି : ଡକ୍ଟର ପି.କେ. ମିଶ୍ର
- ପରବର୍ତ୍ତୀ ପିଢ଼ିର ଅଧିକାରୀମାନେ ୨୦୪୭ ପରେ ଭାରତର ପ୍ରତିଷ୍ଠାନଗୁଡ଼ିକୁ ଗଢ଼ିବେ : ଡକ୍ଟର ପି.କେ. ମିଶ୍ର



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଗୁରୁବାର ନୂଆଦିଲ୍ଲୀରେ ୟୁପିଏସସିର ଶତାବ୍ଦୀ ସମ୍ମେଳନ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଅଧିବେଶନରେ ଉଦ୍‌ବୋଧନ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଗତ ୧୦୦ ବର୍ଷ ଧରି ୟୁପିଏସସି ଦେଶର ସବୁଠାରୁ ସମ୍ମାନିତ ସାମ୍ବିଧାନିକ ସଂସ୍ଥା ଭାବରେ ମର୍ଯ୍ୟାଦା ଏବଂ ଭରସାଯୋଗ୍ୟତା ବଜାୟ ରଖିବା ସହିତ ଯୋଗ୍ୟତା, ନିରପେକ୍ଷତା, ଉତ୍କର୍ଷତା ଏବଂ ବିଶ୍ୱସନୀୟତାକୁ ବଜାୟ ରଖିଛି। ଡକ୍ଟର ପି.କେ. ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ, ଏହି ଅବସର ସମ୍ବିଧାନର ପ୍ରତିଷ୍ଠାତା ଏବଂ ଆୟୋଗର ଗଠନମୂଳକ ବର୍ଷଗୁଡ଼ିକରେ ମାର୍ଗଦର୍ଶନ କରିଥିବା ଦୂରଦ୍ରଷ୍ଟା ବ୍ୟକ୍ତିଙ୍କ ବିଚକ୍ଷଣତା ପ୍ରତି ଶ୍ରଦ୍ଧାଞ୍ଜଳି। ୟୁପିଏସସିର ସମସ୍ତ ଅଧ୍ୟକ୍ଷ, ସଦସ୍ୟ, ଅଧିକାରୀ ଏବଂ କର୍ମଚାରୀଙ୍କ ଅବଦାନ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ ଯେଉଁମାନେ ବିଭିନ୍ନ ଆହ୍ୱାନ ସତ୍ତ୍ୱେ ସ୍ୱଚ୍ଛତା ଏବଂ ଯୋଗ୍ୟତାକୁ ନିଶ୍ଚିତ କରି ପାରିଥିଲେ।

ଭାରତର ବିବିଧତା ପରିଧିରୁ ଆସିଥିବା ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ପିଢ଼ି ପ୍ରାୟତଃ ସ୍ୱୀକୃତି ବିନା କର୍ତ୍ତବ୍ୟ, ନିରପେକ୍ଷତା ଏବଂ ରାଷ୍ଟ୍ର ସେବାର ଆଦର୍ଶକୁ ଆଗକୁ ବଢ଼ାଇଛନ୍ତି, ଅନୁଷ୍ଠାନ ଗଢ଼ିଛନ୍ତି, ସ୍ଥିରତା ରକ୍ଷା କରିଛନ୍ତି, ସଂସ୍କାର କାର୍ଯ୍ୟକାରୀ କରିଛନ୍ତି ଏବଂ ସାମ୍ବିଧାନିକ ନୈତିକତାକୁ ବଜାୟ ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ।

ୟୁପିଏସସିର ଇତିହାସ ଉପରେ ଅବଲୋକନ କରି ଡକ୍ଟର ମିଶ୍ର କହିଥିଲେ, ଏହି ପ୍ରତିଷ୍ଠାନର ପୂର୍ବସୂରୀ ହେଉଛି ୧୯୨୬ ମସିହାରେ ପ୍ରତିଷ୍ଠିତ ଲୋକସେବା ଆୟୋଗ, ଯାହାକୁ ପରେ ଭାରତ ସରକାର ଆଇନ, ୧୯୩୫ ଆଧାରରେ ଫେଡେରାଲ ପବ୍ଲିକ୍ ସର୍ଭିସ କମିଶନ ନାମରେ ସ୍ୱୀକୃତି ଦିଆଯାଇଥିଲା। ସ୍ୱାଧୀନତା ପରେ ଏହାକୁ ସଂଘ ଲୋକସେବା ଆୟୋଗ (ୟୁନିଅନ୍ ପବ୍ଲିକ୍ ସର୍ଭିସ୍ କମିଶନ) ବା ୟୁପିଏସସି ନାମରେ ନାମକରଣ କରାଯାଇଥିଲା। ଭାରତର 'ଦୃଢ଼ ଢାଞ୍ଚା' ପ୍ରଶାସନିକ ସେବା ପାଇଁ ପରୀକ୍ଷା ପରିଚାଳନା ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇ ରହିଛି।

ଅନେକ ଦଶନ୍ଧି ଧରି, ୟୁପିଏସସିର ପରୀକ୍ଷା ବ୍ୟବସ୍ଥା ଆଧୁନିକ ପ୍ରଶାସନ ସହିତ ବିକଶିତ ହୋଇଛି ଏବଂ ନିରପେକ୍ଷତା, ଯୋଗ୍ୟତା ଏବଂ ସମାନତା ବଜାୟ ରଖିଛି। ନିଯୁକ୍ତି ବ୍ୟତୀତ, ୟୁପିଏସସି ପଦୋନ୍ନତି, ଡେପୁଟେସନ୍ ଏବଂ ଶୃଙ୍ଖଳାଗତ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶଦାତା ଭୂମିକା ଗ୍ରହଣ କରିଥାଏ ବୋଲି ସେ କହିଥିଲେ।

ଡକ୍ଟର ମିଶ୍ର ସାମ୍ପ୍ରତିକ ପ୍ରତିଭା ସେତୁ ପୋର୍ଟାଲ୍ ଉପରେ ଆଲୋକପାତ କରିଥିଲେ, ଯାହା ଚୂଡ଼ାନ୍ତ ପରୀକ୍ଷା ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରତିଭାଶାଳୀ ପ୍ରାର୍ଥୀମାନଙ୍କୁ ଜାତୀୟ କ୍ୟାରିଅର ସେବା ସହ ଯୋଡ଼ି ହୋଇଥିବା ସମ୍ଭାବ୍ୟ ନିଯୁକ୍ତିଦାତାଙ୍କ ସହ ସୁରକ୍ଷିତ ଭାବରେ ସଂଯୋଗ କରିଥାଏ। ଫଳରେ ଯୁବପିଢ଼ି ପାଇଁ ଜାତୀୟ ବିକାଶରେ ଯୋଗଦାନ ଦେବାର ନୂତନ ସୁଯୋଗ ଖୋଲିଥାଏ।

ଡକ୍ଟର ମିଶ୍ର କହିଥିଲେ, ବର୍ଷ ପରେ ବର୍ଷ ବିତିବା ସହିତ ପ୍ରଶାସନିକ ସେବାର ଭୂମିକା ପରିବର୍ତ୍ତିତ ହେଉଛି। ସ୍ୱାଧୀନତା ପୂର୍ବରୁ ଏବଂ ତା'ପରେ ପ୍ରଶାସନ ପ୍ରାୟତଃ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ରାଜସ୍ୱ ସଂଗ୍ରହ କରିବାରେ ସୀମିତ ଥିଲା। ସ୍ୱାଧୀନତା ପରେ ପ୍ରାରମ୍ଭିକ ଦଶନ୍ଧିଗୁଡ଼ିକରେ, ବିକାଶ ଯୋଜନା, ବିଭିନ୍ନ ପ୍ରତିଷ୍ଠାନ, ଶିକ୍ଷ କ୍ଷମତା ଏବଂ ମୌଳିକ ସେବାର ଭିତ୍ତିଭୂମି ନିର୍ମାଣ ଉପରେ ଏହାର ଭୂମିକା କେନ୍ଦ୍ରିତ ଥିଲା। ପ୍ରଯୁକ୍ତିବିଦ୍ୟାର ଅଭ୍ୟୁଦୟ, ସହରୀକରଣ, ଜଳବାୟୁ ଆହ୍ୱାନ ଏବଂ ବାରମ୍ବାର ବିପର୍ଯ୍ୟୟ ସରକାରୀ କର୍ମଚାରୀଙ୍କ ଦାୟିତ୍ୱକୁ ନୂଆ ରୂପ ଦେଇଛି। ଆଜିର ପ୍ରଶାସନରେ ପଦାନୁକ୍ରମ ଅପେକ୍ଷା ଅଧିକ ସହଯୋଗର ଆବଶ୍ୟକତା ରହିଛି। ଗତ ଦଶନ୍ଧିରେ ଏକ ସମ୍ପୂର୍ଣ୍ଣ ଭିନ୍ନ ପରିବର୍ତ୍ତନ ଘଟିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ।

ଡକ୍ଟର ମିଶ୍ର କହିଥିଲେ, ବର୍ତ୍ତମାନ ପ୍ରକ୍ରିୟା ଅନୁପାଳନରୁ ସେବା ବିତରଣର ପରିଣାମ, କ୍ରମିକ ଉନ୍ନତିରୁ ତ୍ୱରିତ ରୂପାନ୍ତରଣ, ସଂକୀର୍ଣ୍ଣ ସରକାରୀ ବିଭାଗରୁ ଆନ୍ତଃପରିଚାଳିତ ଡିଜିଟାଲ ଭିତ୍ତିଭୂମି ଏବଂ ନାଗରିକଙ୍କୁ ସେବା ବିତରଣ ସ୍ଥିତିରୁ ଜନଭାଗିଦାରୀ ଜରିଆରେ ନାଗରିକଙ୍କୁ ଅଂଶୀଦାର କରିବା ସ୍ଥିତି ପର୍ଯ୍ୟନ୍ତ ପ୍ରତ୍ୟାଶାଗୁଡ଼ିକ ବଦଳି ଯାଇଛି। ସେ କହିଥିଲେ, ଏହି ପରିବର୍ତ୍ତନ ଡିଜିଟାଲ୍ ପେମେଣ୍ଟ, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଦକ୍ଷତା, ଟିକସ, ସହରାଞ୍ଚଳ ପ୍ରଶାସନ ଏବଂ ଗ୍ରାମୀଣ ବିକାଶ ଭଳି କ୍ଷେତ୍ରଗୁଡ଼ିକରେ ଦୃଶ୍ୟମାନ ହେଉଛି। ବର୍ତ୍ତମାନ ଏହା ସେହିସବୁ ଫ୍ରଣ୍ଟିୟର ଇଲାକାକୁ ପ୍ରସାରିତ ହେଉଛି ଯେଉଁଠି ଭାରତ ବିଶ୍ୱସ୍ତରୀୟ ନେତୃତ୍ୱ ଚାହୁଁଛି। ଏସବୁ କ୍ଷେତ୍ରରେ କ୍ୱାଣ୍ଟମ୍ ପ୍ରଯୁକ୍ତି, ମହାକାଶ ଉଦ୍ଭାବନ, ନୀଳ ଓ ସବୁଜ ଅର୍ଥବ୍ୟବସ୍ଥା ସାମିଲ ରହିଛି।

ଡକ୍ଟର ମିଶ୍ର କହିଥିଲେ, ଭାରତ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି। ଏହି ପରିପ୍ରେକ୍ଷୀରେ ସେ ଚାରୋଟି ଦିଗ ଉପରେ ଆଲୋକପାତ କରିଥିଲେ।

ପ୍ରଥମତଃ, ପ୍ରଯୁକ୍ତିବିଦ୍ୟା, ଯୋଗାଣ ଶୃଙ୍ଖଳ, ତଥ୍ୟ, ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ମହାକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ପରିପୂର୍ଣ୍ଣ ରଣନୈତିକ ପ୍ରତିଯୋଗିତା ସହିତ ବିଶ୍ୱ ଅଧିକ ଆନ୍ତଃସଂଯୁକ୍ତ ଏବଂ ଅସ୍ଥିର ହେଉଛି। ପ୍ରଶାସନିକ ଅଧିକାରୀମାନେ ଅନିଶ୍ଚିତତାର ପରିଚାଳକ, ଜଟିଳତାର ବ୍ୟାଖ୍ୟାକାରୀ ଏବଂ ଭାରତର ରଣନୀତିକ ସ୍ୱାର୍ଥର ରକ୍ଷକ। ସେମାନଙ୍କର ପ୍ରସ୍ତୁତି ସେମାନଙ୍କୁ କିପରି ଚୟନ କରାଯାଉଛି ସେଠାରୁ ଆରମ୍ଭ ହେବା ଉଚିତ ବୋଲି ଡକ୍ଟର ମିଶ୍ର କହିଥିଲେ।

ଦ୍ୱିତୀୟତଃ, ସେ ଗୁରୁତ୍ୱାରୋପ କରି କହିଥିଲେ, ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନର ଗତି ଅନୁକୂଳ ନିୟାମକ ବ୍ୟବସ୍ଥାକୁ ପଛରେ ପକାଇ ଦେଇଛି। ଏଆଇ, ସିନ୍ଥେଟିକ୍ ଜୀବବିଜ୍ଞାନ, ରୋବୋଟିକ୍ସ ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ କ୍ଷେତ୍ରରେ ସଫଳତା ପାଇଁ ବୌଦ୍ଧିକ ଚପଳତା, ନୈତିକ ଆଧାର ଏବଂ ଉଦ୍ଭାବକ ଏବଂ ବୈଜ୍ଞାନିକମାନଙ୍କ ସହିତ ସମାନ ଭାବରେ ଜଡିତ ହେବାର କ୍ଷମତା ଆବଶ୍ୟକ।

ତୃତୀୟତଃ, ସେ ଉଲ୍ଲେଖ କରିଥିଲେ ଯେ, ଭାରତର ବିକାଶ ପଥ ଇନପୁଟ୍-ଚାଳିତ ଅଭିବୃଦ୍ଧିରୁ କ୍ଷମତା-ଚାଳିତ ଅଭିବୃଦ୍ଧି ଆଡ଼କୁ ପରିବର୍ତ୍ତିତ ହେଉଛି। ଫଳାଫଳ, ଦାୟିତ୍ୱ, ପରୀକ୍ଷଣ ଏବଂ ତୃଣମୂଳ ସ୍ତରରେ ପ୍ରକୃତ ପରିବର୍ତ୍ତନ ଦ୍ୱାରା ସଫଳତା ମାପ କରାଯିବା ଉଚିତ। ୟୁପିଏସସି ନିଶ୍ଚିତ ଭାବରେ ବିଚାର, ନମନୀୟତା ଏବଂ ଜୀବନବ୍ୟାପୀ ଶିକ୍ଷା କ୍ଷମତା ଥିବା ବ୍ୟକ୍ତିମାନଙ୍କୁ ଚୟନ କରିବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ଚତୁର୍ଥତଃ, ସେ ପ୍ରତିଭା ପାଇଁ ଉଦୀୟମାନ ବିଶ୍ୱ ପ୍ରତିଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଭାରତର ପ୍ରଶାସନିକ ସେବା ସର୍ବୋତ୍ତମ ପ୍ରତିଭାଙ୍କ ପାଇଁ ଚୁମ୍ବକ ହୋଇ ରହିବା ଉଚିତ। ଏହି ଆକାଂକ୍ଷୀ ଯୁବପିଢ଼ି, ବିଶ୍ୱ ସ୍ତରରେ ପ୍ରକାଶିତ ଏବଂ ମହତ୍ୱାକାଂକ୍ଷୀ ହୋଇଥିବା ଉଦ୍ଦେଶ୍ୟ, ସ୍ୱାୟତ୍ତତା, ଆହ୍ୱାନ ଓ ପ୍ରଭାବ ଖୋଜିଥା'ନ୍ତି ଏବଂ ପ୍ରଶାସନିକ ସେବାଗୁଡ଼ିକ ଏହି ଗୁଣଗୁଡ଼ିକୁ ଅଧିକ ସକ୍ରିୟ ଓ ସ୍ପଷ୍ଟ ଭାବରେ ପ୍ରକାଶ କରିବା ଉଚିତ।

ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ, ବିକଶିତ ଭାରତ ଆଡ଼କୁ ନେଇଯାଉଥିବା ଦଶନ୍ଧିଗୁଡ଼ିକ ତିନୋଟି ନୀତି ଦ୍ୱାରା ପରିଚାଳିତ ହେବା ଉଚିତ: ଏକ ବିକାଶମୂଳକ, ସେବା-ଉନ୍ମୁଖୀ ରାଷ୍ଟ୍ର ପାଇଁ ପ୍ରଶାସନିକ ସେବାକୁ ପୁନଃ ନିର୍ଦ୍ଦେଶିତ କରିବା; ଗଭୀର ଭାବରେ ସକ୍ଷମ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଚୟନକୁ ପୁନଃପରିକଳ୍ପନା କରିବା; ଏବଂ ଏକ ଜୀବନବ୍ୟାପୀ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରସ୍ତୁତ କରିବା।

ଡକ୍ଟର ମିଶ୍ର ଆଲୋକପାତ କରି କହିଥିଲେ, ମିଶନ କର୍ମଯୋଗୀ ଏକ ଅବିଚ୍ଛେଦ୍ୟ, କ୍ଷମତା ନିର୍ମାଣ ପାଇଁ ବ୍ୟବସ୍ଥିତ, ପ୍ରଯୁକ୍ତିବିଦ୍ୟା-ସମର୍ଥ, ଦକ୍ଷତା-ଚାଳିତ ପଦ୍ଧତି ପ୍ରଚଳନ କରୁଛି। ଏହି ପରିବର୍ତ୍ତନ ନିୟମ-ଆଧାରିତରୁ ଭୂମିକା-ଭିତ୍ତିକ ଢାଞ୍ଚା, ସମାନ ତାଲିମରୁ ନିରନ୍ତର ଶିକ୍ଷା ଏବଂ ନିରବଚ୍ଛିନ୍ନ କାର୍ଯ୍ୟରୁ ସହଯୋଗକୁ ପରିବର୍ତ୍ତିତ ହେଉଛି। ଆଇଗଟ୍-କର୍ମଯୋଗୀ ପ୍ଲାଟଫର୍ମ, ୩୦୦୦ରୁ ଅଧିକ ପାଠ୍ୟକ୍ରମ ଏବଂ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ସହିତ ଏହି ବିବର୍ତ୍ତନକୁ ସମର୍ଥନ କରେ। ଏହା ସେବା କରିବା ସମୟରେ ଶିଖୁଥିବା ଏକ କର୍ମଶକ୍ତି ସୃଷ୍ଟି କରିଥାଏ।

ତାଙ୍କର ଅଭିଭାଷଣ ଶେଷରେ, ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ, ବିକଶିତ ଭାରତ ଯାତ୍ରାର କେନ୍ଦ୍ରରେ ପ୍ରଶାସନିକ ସେବା ରହିଛି। ଅଧିକାରୀମାନେ ବିଭିନ୍ନ କ୍ଷେତ୍ରରେ ଚିନ୍ତା କରିବା ଉଚିତ, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ଉଚିତ ଏବଂ ନମ୍ରତା, ସାଧୁତା ଓ ଉଦ୍ଦେଶ୍ୟ ସହିତ ସେମାନଙ୍କର କାର୍ଯ୍ୟକୁ ସ୍ଥିର କରିବା ଆବଶ୍ୟକ। ସେମାନେ ନାଗରିକଙ୍କ ଭଳି ତଥ୍ୟ ସହ ମଧ୍ୟ ଅନୁରୂପ ଭାବେ ଜଡ଼ିତ ରହିବା ଉଚିତ୍। ପ୍ରଶାସନିକ ଦକ୍ଷତା ସହିତ ନୈତିକ ବିଚାରକୁ ସନ୍ତୁଳିତ କରିବା ଆବଶ୍ୟକ ଏବଂ ନେତୃତ୍ୱ ନେବା ସମୟରେ ମଧ୍ୟ ନିରନ୍ତର ପ୍ରଶିକ୍ଷଣ ହାସଲ କରିବା ଉଚିତ୍।

# ସୟଦ ମୋଦି ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ବ୍ୟାଡ଼ମିଣ୍ଟନ : ଭାଗ ନେବେ ୧୫୨ଜଣ ଭାରତୀୟ



**ଲକ୍ଷ୍ନୌ**

ସୟଦ ମୋଦି ଇଣ୍ଡିଆ ଇଣ୍ଟରନ୍ୟାସନାଲ ସୁପର ୩୦୦ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ଭାରତରୁ ୧୫୨ ଜଣ ଖେଳାଳି ପ୍ରତିଦ୍ୱନ୍ଦ୍ୱିତା କରିବେ। ପୂର୍ବତନ ଚାମ୍ପିଅନ୍ କେ. ଶ୍ରୀକାନ୍ତଙ୍କ ସମେତ ଏଚ୍‌ଏସ୍ ପ୍ରଣୟ, ମହିଳା ବର୍ଗର ଟପ୍ ସିଡ୍ ଉନ୍ନତି ହୁଡ୍ଡା, ତନ ଶର୍ମା ଏବଂ ମହିଳା ଡବଲ୍ସରେ ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ିଙ୍କ ଉପରେ ସମସ୍ତଙ୍କ ନଜର ରହିବ।

ପୁରୁଷ ବର୍ଗରେ ଶ୍ରୀକାନ୍ତ ନିଜ ଦେଶର ମୈରବା ଲୁୱାଙ୍ଗ ମୈସ୍ନାମଙ୍କ ବିପକ୍ଷରେ ଅଭିଯାନ ଆରମ୍ଭ କରିବେ। ପ୍ରଣୟ ପ୍ରଥମ ରାଉଣ୍ଡରେ କେଭିନ୍ ଥାଙ୍ଗମଙ୍କୁ ଭେଟୁଥିବାବେଳେ ଥରୁନ ମାନ୍ନେପଲ୍ଲୀ ନିଜ ଦେଶର ସତୀଶ କୁମାର କରୁଣାକରନଙ୍କୁ ସାମ୍ନା କରିବେ। ମହିଳା ବର୍ଗରେ ଉନ୍ନତି ପ୍ରଥମ ରାଉଣ୍ଡରେ ଆକର୍ଷୀ କଶ୍ୟପଙ୍କୁ ଭେଟିବେ। ସେହିପରି ମହିଳା ଡବଲ୍ସରେ ଡିଫେଣ୍ଡିଂ ଚାମ୍ପିଅନ୍ ତ୍ରିଶା-ଗାୟତ୍ରୀ ଯୋଡ଼ି ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି। ସେହିପରି ଓଡ଼ିଶାର ଦୁଇ ଭଉଣୀ ଶ୍ୱେତପର୍ଣ୍ଣା ପଣ୍ଡା ଓ ରତ୍ନପର୍ଣ୍ଣା ପଣ୍ଡା ଯୋଡ଼ି ମଧ୍ୟ କୋର୍ଟକୁ ଓହ୍ଲାଇବେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ନଭେମ୍ବର ୨୦୨୫ ଶୁକ୍ରବାର







ଭୁବନେଶ୍ୱର : ବିଧାନସଭା ପରିସରରେ ବର୍ତ୍ତମାନର ବାଚସ୍ପତି, ଉପବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବିଧାୟକମାନଙ୍କ ଗହଣରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ବିଧାନସଭା ପରିସରରେ ପୂର୍ବତନ ସାଂସଦ ଓ ବିଧାୟକମାନେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ହାଇକୋର୍ଟ କ'ଣ ଆଦେଶ ଦେଇଛନ୍ତି ତର୍ଜମା ହେବ : ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷକ ବଦଳିରେ ସାଂସଦ ବିଧାୟକଙ୍କ କ୍ଷମତା ନିଷ୍ପତିକୁ ହାଇକୋର୍ଟ ଅଗ୍ରାହ୍ୟ କରିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀ କହିଛନ୍ତି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷକ ଅଦଳବଦଳ କରାଯାଇଥାଏ। ଗୋଟିଏ ସ୍ଥାନରେ ଜଣେ ଶିକ୍ଷକ ବେଶି ଦିନ ରହିବେ ନାହିଁ। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ବଦଳି ହୋଇଥାଏ। ରାଜନୈତିକ ହସ୍ତକ୍ଷେପ ନେଇ ହାଇକୋର୍ଟ କ'ଣ ଆଦେଶ ଦେଇଛନ୍ତି ତର୍ଜମା ହେବ। କିପରି ସ୍ୱଚ୍ଛତା ଆସିବ ସେ ନେଇ ବିଭାଗ କାମ କରିବ ବୋଲି ମନ୍ତ୍ରୀ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଚରଣ ...

ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଭାଷଣ ରଖିଥିଲେ। ସେ କହିଥିଲେ ଆମ ପାଇଁ ଗୌରବର ବିଷୟ, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ , ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ଆମମାନଙ୍କ ପାଇଁ ଏହା ଶିକ୍ଷଣୀୟ, ସେ ନା' ନିଜ ଜନ୍ମଭୂମିକୁ ଭୁଲିଛନ୍ତି, ନା' ନିଜର କର୍ମଭୂମିକୁ । ନିଜ ଜନ୍ମଭୂମି ମୟୂରଭଞ୍ଜର ବିକାଶ ପାଇଁ ତାଙ୍କର ଅତୁଳନୀୟ ଅବଦାନ ଅଛି । ଆଜି ତାଙ୍କର ପ୍ରଥମ କର୍ମଭୂମିକୁ ପରିଦର୍ଶନ କରି, ସେ ସମାଜକୁ ଏହି ବାର୍ତ୍ତା ଦେଇଛନ୍ତି ଯେ, ମଣିଷ ଯେତେବଡ ହେଲେ ସୁଦ୍ଧା, ନିଜର ଜନ୍ମଭୂମି ଏବଂ ପ୍ରଥମ କର୍ମଭୂମିକୁ ଭୁଲିବା ଉଚିତ ନୁହେଁ । ନିଜର ମାଆ ମାଟିକୁ ଆଦୌ ଭୁଲିବା ଉଚିତ୍ ନୁହେଁ । ଏ ବିଷୟରେ କେବେ ମନରେ ମଧ୍ୟ ଆସିବା ଉଚିତ ନୁହେଁ । ଏହା ଆମ ଉତ୍କଳୀୟ ପରମ୍ପରା, ଆମ ଜଗନ୍ନାଥ ସଂସ୍କୃତିର ନିଛକ ପ୍ରତିଫଳନ । ମୟୂରଭଞ୍ଜ ଜିଲ୍ଲାର ଏକ ଅନାମଧେୟ ଆଦିବାସୀ ପଲ୍ଲୀ ଉପରବେଡ଼ା ଗ୍ରାମର ଏକ ସାଧାରଣ ସାନ୍ତାଳି ପରିବାରରେ ଜନ୍ମ ଗ୍ରହଣ କରି ସମସ୍ତ ଝଡଝଞ୍ଜା ସତ୍ତ୍ୱେ ଆପଣ କେବେବି ଜୀବନରେ ହାର ମାନି ନାହାନ୍ତି । ସଂଘର୍ଷ କରି ରାଜନୀତିରେ ସଫଳ ହେବା ଏବଂ ଦେଶର ସର୍ବୋଚ ଆସନରେ ପହଞ୍ଚିବା କେବେହେଲେ ସଂଯୋଗ ନୁହେଁ । ଏହା ଜନସେବା ପାଇଁ ଆପଣଙ୍କ କଠୋର ତପସ୍ୟା ଏବଂ ଈଶ୍ୱରଙ୍କ ଆଶୀର୍ବାଦର ଫଳ। ଆଜି ଦିନରେ ଦଳମତ ନିର୍ବିଶେଷରେ, ଏ ପବିତ୍ର ଗୃହର ପ୍ରତ୍ୟେକ ସଦସ୍ୟ ଓ ସଦସ୍ୟା ଏହା ମୁକ୍ତ କଣ୍ଠରେ ସ୍ୱୀକାର କରିବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଅଭିଭୂତ ବୋଲି କହିଥିଲେ। କାରଣ ତାଙ୍କ ପରି ଜଣେ ସାଧାରଣ ଆଦିବାସୀ ପରିବାରରେ ଜନ୍ମିତ ସାଧାରଣ ବ୍ୟକ୍ତିକୁ, ମାନନୀୟା ରାଷ୍ଟ୍ରପତିଙ୍କର ମାର୍ଗଦର୍ଶନରେ, ଓଡିଶାବାସୀଙ୍କ ସେବା କରିବା ପାଇଁ ସୁଯୋଗ ମିଳିଛି । ସେ କହିଥିଲେ ଓଡିଶା ପରି ରାଜ୍ୟ, ଯେଉଁଠାରେ ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ହେଉଛନ୍ତି, ଜନଜାତି ସଂପ୍ରଦାୟର । ସେହି ସମ୍ପ୍ରଦାୟରୁ ଦେଶର କନିଷ୍ଠତମ ରାଷ୍ଟ୍ରପତି ତଥା ପ୍ରଥମ ନାଗରିକ ଭାବେ ସେବା କରିବା ପାଇଁ, ମାନନୀୟା ଦ୍ରୌପଦୀ ମୁର୍ମୁଙ୍କୁ ସୁଯୋଗ ମିଳିଛି ଏବଂ ରାଜ୍ୟର ସେବା କରିବା ପାଇଁ ମୁଖ୍ୟ ସେବକ ଭାବେ ତାଙ୍କୁ ସୁଯୋଗ ମିଳିଛି । ମୁଖ୍ୟମନ୍ତ୍ରୀ କହିଥିଲେ ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ବର୍ତ୍ତମାନ ରାଷ୍ଟ୍ରପତି ଭାବେ ଆପଣ ଯେଉଁ ଭୂମିକା ନିଭାଇଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଅନନ୍ୟ ଉଦାହରଣ। ସାର୍ବଜନୀନ ଏବଂ ରାଜନୈତିକ ଜୀବନରେ ଆପଣଙ୍କ ପଦାଙ୍କ, ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପୂର୍ବରୁ ପ୍ରଥମେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ବକ୍ତବ୍ୟ ରଖିବା ପାଇଁ ବାଚସ୍ପତି ସୁରମା ପାଢୀ ସୁଯୋଗ ଦେଇଥିଲେ। ତଦନୁସାରେ ନବୀନ ପଟ୍ଟନାୟକ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଆନ୍ତରିକ ଶୁଭେଚ୍ଛା ଅଭିନନ୍ଦନ ଜଣାଇବା ସହ ଓଡ଼ିଶା ମାଟି ତାଙ୍କ ପାଇଁ ଗର୍ବିତ ବୋଲି କହିଥିଲେ। ଏହି ଅବସରରେ ଓଡ଼ିଶା ମାଟିର କନ୍ୟା ଦେଶର ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ ହେବା ଏବଂ ଦେଶର ଜନଗଣଙ୍କ ପାଇଁ ସେବା ଓ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରିବାରେ ଅନନ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଅଭିଭାଷଣ ରଖି ରାଷ୍ଟ୍ରପତିଙ୍କ ଭୂମିକା ଓ ଓଡ଼ିଶା ପାଇଁ ଅବଦାନ ବାବଦରେ ବିଶଦ୍‌ଭାବେ ଆଲୋକପାତ କରିଥିଲେ। ବିଧାନସଭାରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପୂର୍ବରୁ ବାଚସ୍ପତି ସୁରମା ପାଢୀ ତାଙ୍କୁ ସ୍ୱାଗତ ଜଣାଇ ଅଭିଭାଷଣ ରଖିଥିଲେ। ସେ କହିଥିଲେ ଓଡ଼ିଶା ବିଧାନସଭାରୁ କର୍ମମୟ ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ମୁର୍ମୁ ଆଜି ସାରା ଦେଶ ପାଇଁ ନିଜର ସମର୍ପିତ ସେବା ମନୋଭାବ ସକାଶେ ପ୍ରେରଣାଦାୟୀ ପାଲଟିଛନ୍ତି। ବିଧାୟିକା, ମନ୍ତ୍ରୀ, ରାଜ୍ୟପାଳ ପଦବୀରେ କାମ କରିବା ପରେ ସେ ଦେଶର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିଛନ୍ତି ଏବଂ ତାଙ୍କ ପ୍ରତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶିର୍ବାଦ ରହିଛି ବୋଲି ସେ କହିଥିଲେ। ରାଷ୍ଟ୍ରପତିଙ୍କୁ ବିଧାନସଭା ଗୃହ ମଧ୍ୟକୁ ପାଛୋଟି ଅଣାଯିବା ପରେ ଗୃହରେ ଜାତୀୟ ସଙ୍ଗୀତ ପରିବେଷଣ ହୋଇଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ସମଗ୍ର ବିଧାନସଭା କକ୍ଷକୁ ସୁସଜ୍ଜିତ କରାଯାଇଥିଲା। ପ୍ରାୟ ସମସ୍ତ ବିଧାୟକ ବିଧାୟିକା ମନ୍ତ୍ରିମଣ୍ଡଳର ସଦସ୍ୟଗଣ, ବିଧାନସଭା ସଚିବ ଓ ନିରାପତ୍ତା ଅଧିକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ। ଏଥିସହ ସମସ୍ତ ଗ୍ୟାଲେରୀରେ ନିମନ୍ତ୍ରିତ ଭିଆଇପି, ଭିଭିଆଇପି, ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୋଲିସ୍ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲାବେଳେ ପୂର୍ବତନ ବିଧାୟକ, ବିଧାୟିକା, ସାଂସଦମାନେ ମଧ୍ୟ ଯୋଗଦେଇଥିଲେ।

### ଭାରତ ଆନ୍ତର୍ଜାତିକ...

ସୂଚନାଯୋଗ୍ୟ ଯେ, ସମୁଦାୟ ୩୧ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗ ଦେଇଥିଲେ । ଓଡ଼ିଶା ସାମଗ୍ରୀକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଏହି ସଫଳତା ହାସଲ କରିଛି । କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ଓଡ଼ିଶା ଏହି ପୁରସ୍କାର ପାଇବା ସହିତ ଏଥରକୁ ମିଶାଇ ଦୁଇ ଥର ଗୋଲ୍ଡ ମେଡାଲ ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ରାଜ୍ୟ ସରକାରଙ୍କର ୯ଟି ବିଭାଗର ୨୬ ଟି ଷ୍ଟଲ ସ୍ଥାନୀତ ହୋଇଥିଲା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ଏବଂ ଏକ୍ ଭାରତ ଶ୍ରେଷ୍ଠ ଭାରତର ଆଭିମୁଖ୍ୟକୁ ଏହି ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୨୨ ତାରିଖରେ ଓଡ଼ିଶା ରାଜ୍ୟ ଦିବସ ସମାରୋହ ପାଳନ ଅବସରରେ ଓଡ଼ିଶା ମଣ୍ଡପ ବୁଲି ଦେଖିବା ସହିତ ଓଡ଼ିଶାର କଳା, ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ ।

### ଶିକ୍ଷକ ବଦଳି ...

ରହିତାଦେଶ ଏବେ ସ୍ଥାୟୀ ହୋଇଯାଇଛି। ତେବେ ବଦଳି ହୋଇସାରିଥିବା ଶିକ୍ଷକମାନେ ଚଳିତ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଶିକ୍ଷା ବର୍ଷ ଶେଷ ପରେ ସେମାନେ ନିଜର ପୂର୍ବ ସ୍କୁଲକୁ ଫେରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ରାଜ୍ୟରେ ଶିକ୍ଷକ ବଦଳି ପାଇଁ ୨୦୨୫ମେ ୧୩ରେ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସାଂସଦ ଓ ବିଧାୟକମାନେ ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିବେ। ସେଇ ସୁପାରିଶ ଅନୁଯାୟୀ ଜିଲ୍ଲା ଶିକ୍ଷା ଅଧିକାରୀ ବଦଳି କାର୍ଯ୍ୟକାରୀ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଥିଲା।

### ୩୬ ଜଣଙ୍କ ...

୯୧ ଜଣଙ୍କ ସ୍ଥାନରେ ପ୍ରଶାସନ ୩୬ ଜଣଙ୍କ ଦରମା ବନ୍ଦ କରିଛି। ବରିଷ୍ଠ ପାହ୍ୟା ଅଧିକାରୀମାନେ ପୂର୍ବ ତାଲିକାରୁ ବାଦ୍ ପଡିଛନ୍ତି। ଏ ନେଇ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ସୂଚନା ଦେଇଛନ୍ତି।

### ରାଜନୈତିକ ...

କରୁଥିବା ନେଇ ଅଭିଯୋଗ କରାଯାଉଥିଲା । ସେତେବେଳେ ସୃଷ୍ଟି ହୋଇଥିବା ଧାରଣା ସମଭାବରେ ଏବେ ମଧ୍ୟ ଲୋକଙ୍କ ମଧ୍ୟରେ ଉଦ୍‌ଜୀବିତ ହେଉଛି ବୋଲି ଶ୍ରୀ ରଥ ପ୍ରକାଶ କରିଛନ୍ତି । ଅମଲାତନ୍ତ୍ରର ଏକ ଶିଳ୍ପ ଆରମ୍ଭ କରିବାର ମନସ୍ତାତ୍ତ୍ୱିକ ଚିନ୍ତାଧାରା ରହିବା ଉଚିତ । ରାଜନୈତିକ ସ୍ତରରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ଯଥେଷ୍ଟ ଆନ୍ତରିକତା ରହିଥିଲେ ହେଁ ପ୍ରଶାସନିକ ସ୍ତରରେ ଅମଲାତାନ୍ତ୍ରିକ ବାଟବଣା ପ୍ରକ୍ରିୟା ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିବାର ସମ୍ଭାବନା ଦେଖାଦେଇଛି । ୧୯୮୨ ମସିହାରୁ ୧୯୮୫ ମସିହା ମଧ୍ୟରେ ସଫଳ ବ୍ୟବସାୟିକ ଉତ୍ପାଦନକୁ ଆଖିରେ ରଖି ନବରତ୍ନ ଶିଳ୍ପ ନାଲକୋର ଯେଉଁ ସେଟ୍‌ଅପ୍ ତାଙ୍କ ଉଦ୍ୟମରେ ତିଆରି କରାଯାଇଥିଲା ତାର ସଫଳତା ଏବେ ଦେଖିବାକୁ ମିଳୁଛି ଓ ନାଲ୍‌କୋ ୫୪୦ କୋଟି ଟଙ୍କାରୁ ଅଧିକ ନିଟ୍ ଲାଭ କରିଛି । ଏଥିପାଇଁ ରାଜନୈତିକ ସ୍ତରରେ କେବଳ ଯେ, ଇଚ୍ଛାଶକ୍ତି ରହିଲେ ସବୁ ହୋଇଯିବ ତାହା ଭାବିବା ଉଚିତ ନୁହେଁ ବରଂ ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରଚୁର ଆନ୍ତରିକତା ଲୋଡା ବୋଲି ଶ୍ରୀ ରଥ ପ୍ରକାଶ କରିଥିଲେ । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଯଥେଷ୍ଟ ଆନ୍ତରିକତା ପ୍ରକାଶ କରୁଛନ୍ତି । ଏଥିପାଇଁ ଭାରତ ବର୍ଷ ସମେତ ବିଭିନ୍ନ ବିଦେଶୀ ରାଷ୍ଟ୍ରମାନଙ୍କରେ ଶିଳ୍ପପତିମାନଙ୍କୁ ଓଡ଼ିଶା ମୁହାଁ (ଡେଷ୍ଟିନେସନ ଓଡ଼ିଶା) କରିବା ପାଇଁ ଏହି ଗୋଟିଏ ବର୍ଷ ଶାସନକାଳରେ ଯଥେଷ୍ଟ ଉଦ୍ୟମ ଆରମ୍ଭ କରିଛନ୍ତି । ବହୁ ଶିଳ୍ପ ପ୍ରତିଷ୍ଠାନଗୁଡିକର ମୁଖ୍ୟମାନଙ୍କ ସହ ଆଲୋଚନା ମଧ୍ୟ ଜାରି ରଖିଛନ୍ତି । ଏହା ରାଜ୍ୟ ପାଇଁ ନିଶ୍ଚିତ ଭାବରେ ଏକ ଶୁଭ ସୂଚନା । ତେବେ ପୂର୍ବ ସରକାର ଭଳି କେବଳ MOU ଦସ୍ତଖତ କରିଦେଲେ ଶିଳ୍ପ ପ୍ରତିଷ୍ଠା ହୁଏ ନାହିଁ ଏକଥା ସମସ୍ତଙ୍କୁ ବୁଝିବାକୁ ହେବ । ଶିଳ୍ପ ପ୍ରତିଷ୍ଠା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାକୁ ପଡିବ । କେଉଁ କାରଣରୁ ଶିଳ୍ପପତିମାନେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସି ପୁନରାୟ ଅନାଗ୍ରହ ପ୍ରକାଶ କରୁଛନ୍ତି ତାହାକୁ ବିଶ୍ଳେଷଣ କରିବାର ଯଥେଷ୍ଟ ଆବଶ୍ୟକତା ଉପଲବ୍ଧି ହେଉଛି । କେବଳ ରାଜନୈତିକ ସ୍ତରରେ ଇଚ୍ଛାଶକ୍ତି ରହିଲେ ଶିଳ୍ପ ପ୍ରତିଷ୍ଠା ହୁଏ ନାହିଁ । ଅମଲାତାନ୍ତ୍ରିକ ସକରାତ୍ମକ ଚିନ୍ତାଧାରା ଓ ପ୍ରଶାସନିକ ସ୍ତରରେ ଉପଯୁକ୍ତ ଆନ୍ତରିକତା ନଥିଲେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ବାଧା ଉପୁଜିବ ବୋଲି ସେ କହିଥିଲେ । ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ରାଜ୍ୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଗଲେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ କୌଣସି ଅସୁବିଧା ରହନ୍ତା ନାହିଁ । ଏଥିପାଇଁ ପ୍ରଶାସନିକ କ୍ଷେତ୍ରରେ ଥିବା ବଡପଣ୍ଡାମାନେ ରାଜନୈତିକ ଇଚ୍ଛାଶକ୍ତିକୁ ସମ୍ମାନ ଦେବାର ସମୟ ଆସିଛି ବୋଲି ଶ୍ରୀ ରଥ 'ସମ୍ବାଦ କଳିକା'କୁ କହିଛନ୍ତି ।

## ଟ୍ରେନ୍ ଉପରେ ପଥର ଫିଙ୍ଗିବା କାର୍ଯ୍ୟ ରୋକିବା ପାଇଁ ଜନସାଧାରଣଙ୍କୁ ପୂର୍ବତଟ ରେଳପଥର ନିବେଦନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଜନସାଧାରଣଙ୍କୁ ଟ୍ରେନ୍ ଉପରେ ପଥର ଫିଙ୍ଗିବାର ବିପଜ୍ଜନକ ଏବଂ ବେଆଇନ ଅଭ୍ୟାସକୁ ରୋକିବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଛି, ଯାହା ଯାତ୍ରୀ ସୁରକ୍ଷା ଏବଂ ରେଳ ସମ୍ପତ୍ତି ପାଇଁ ଏକ ନିରନ୍ତର ବିପଦ । ଏପରି କାର୍ଯ୍ୟ କେବଳ ଯାତ୍ରୀ ଏବଂ କର୍ମଚାରୀଙ୍କୁ ଗମ୍ଭୀର ବିପଦରେ ପକାଇଥାଏ ନାହିଁ ବରଂ କୋଚଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ, କାର୍ଯ୍ୟରେ ବିଳମ୍ବ କରିଥାଏ ଏବଂ ଯାତ୍ରା ସମୟରେ ଭୟ ଏବଂ ଅସୁବିଧା ସୃଷ୍ଟି କରିଥାଏ। ୨୦୨୫ ମସିହାରେ ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ ଏପରି ମାମଲା ପଞ୍ଜୀକରଣ ଏବଂ ଚିହ୍ନଟ କରିବାରେ ବହୁତ ସକ୍ରିୟ ଅଛନ୍ତି। ବନ୍ଦେ ଭାରତ ରେକଗୁଡ଼ିକରେ ପଥର ଫିଙ୍ଗିବାର ମୋଟ ୨୨ଟି ଘଟଣା ରିପୋର୍ଟ ହୋଇଥିଲା, ଯେଉଁଥିରେ ୨୨ ଜଣଙ୍କୁ ଗିରଫ କରାଯାଇଅଛି । ସେହିପରି ଅନ୍ୟ ଟ୍ରେନଗୁଡ଼ିକରେ ୫୯ଟି ଘଟଣା ରିପୋର୍ଟ ହୋଇଥିଲା, ଯେଉଁଥିରେ ୪୫ ଜଣଙ୍କୁ ଗିରଫ କରାଯାଇଅଛି।

ଏପରି ବିପଦର ମୁକାବିଲା ପାଇଁ, ରେଳ ସୁରକ୍ଷା ବଳ ଦୁର୍ବଳ ସ୍ଥାନଗୁଡ଼ିକରେ, ବିଶେଷକରି ଘନ ଜନବସତି ବିଶିଷ୍ଟ ଟ୍ରାକସାଇଡ୍ ଅଞ୍ଚଳରେ ପାଟ୍ରୋଲିଂକୁ ତୀବ୍ର କରିଛି। ଅପରାଧୀମାନଙ୍କୁ ନିବୃତ୍ତ କରିବା ଏବଂ ଶୀଘ୍ର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ବର୍ଦ୍ଧିତ ସିସିଟିଭି ନିରୀକ୍ଷଣ, ଡ୍ରୋନ୍ ନିରୀକ୍ଷଣ ଏବଂ ଜିଆରପି, ଜିଲ୍ଲା ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି। ପଥର ଫିଙ୍ଗିବା କାର୍ଯ୍ୟର ମାରାତ୍ମକ ପରିଣାମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆର. ପି. ଏଫ୍. ଦଳଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟ ବିଶେଷ କରି ଯୁବପିଢ଼ି ଏବଂ ସ୍କୁଲ ପିଲାମାନଙ୍କ ସହିତ ମଧ୍ୟ ଯୋଗାଯୋଗ କରୁଛନ୍ତି।

ରେଳବାଇ ଆଇନର ଧାରା ୧୫୨ ଅନୁଯାୟୀ ପଥର ଫିଙ୍ଗିବା କାର୍ଯ୍ୟ ଏକ ଗମ୍ଭୀର ଅପରାଧ, ଯାହା ଦଶ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ। ସମସ୍ତ ଚିହ୍ନଟ ହୋଇଥିବା ମାମଲାଗୁଡ଼ିକ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଏବଂ ଅଭିଯୁକ୍ତମାନଙ୍କୁ ରେଳ ସମ୍ପତ୍ତିର କ୍ଷତି ପାଇଁ ଦାୟୀ ମଧ୍ୟ କରାଯାଇବ। ରେଳ ପରିସର ନିକଟରେ ଥିବା ପିତାମାତା ଏବଂ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ଏପରି ବିପଜ୍ଜନକ ଆଚରଣରେ ଲିପ୍ତ ନହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଛି।

ଯାତ୍ରୀ ଏବଂ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ରେଳ ସମ୍ପତ୍ତିକୁ ଜାତୀୟ ସମ୍ପତ୍ତି ଭାବରେ ବ୍ୟବହାର କରିବାକୁ ଏବଂ ଟ୍ରାକ ନିକଟରେ ଯେକୌଣସି ସନ୍ଦେହଜନକ କିମ୍ବା ବେଆଇନ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ରିପୋର୍ଟ କରନ୍ତୁ। ନିରାପଦ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ଏକ ମିଳିତ ଦାୟିତ୍ୱ, ଏବଂ ପୂର୍ବ ତଟ ରେଳପଥ ପଥର ଫିଙ୍ଗିବା କାର୍ଯ୍ୟ ଘଟଣାଗୁଡ଼ିକୁ ଦୂର କରିବା ଏବଂ ଏହାର ନେଟୱାର୍କରେ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ବିଭିର୍ଣ୍ଣ ସମ୍ପ୍ରଦାୟ, ଆଇନ ପ୍ରବର୍ତ୍ତନ ସଂସ୍ଥା ଏବଂ ଯାତ୍ରୀମାନଙ୍କ ସହିତ କାମ କରିବାକୁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।

**GOVERNMENT OF ODISHA** C-1566
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA.**
e-mail: -eephd.rgda.od@od.gov.in, eephdrgda@gmail.com

e-Procurement Notice for 2025-26

Bid Identification No.EEPHDRAYAGADA-32/2025-26 DT.18.11.2025

| | |
|---|---|
| 1.Name of the work | : 4 Nos. |
| 2. Estimate cost | : From Rs.24.90 Lakh to Rs. 35.39 Lakh (Approx.) |
| 3.Period of Completion | : From 2 to 3 Months |
| 4.Date & Time of availability of Bid documents in the portal | : From 11.00 A.M of 28.11.2025 to 05.00 P.M. : of 09.12.2025 |
| 5.Last date/ time of receipt of bids in the portal | : 05.00 P.M. of 09.12.2025 |
| 6. Date & time of opening of Bids | : 11.00 A.M of 10.12.2025 |
| 7. Name and address of the Officer Inviting Bid | : Executive Engineer, P.H. Division, Rayagada Near Forest Check Gate, Seriguda Rayagada-765002. |

Further details can be seen from the e-Procurement portal "https://www.tendersorissa.gov.in".

Sd/- EXECUTIVE ENGINEER,
P.H. DIVISION,RAYAGADA

**OFFICE OF THE NOTIFIED AREA COUNCIL, ASKA** C-1594
(Email: -askaiiac@gmail.com, Ph No: -06822-273068)
Letter No. 4218 /2025/NAC, Date.27.11.2025

**QUOTATION CALL NOTICE**

Sealed quotation in prescribe form are invited from the intending reputed registered Company/ Firm suppliers/ Contractor having an adequate experience with valid OST Registration Certificate, PAN Card for "Supplying, fitting and installation of different Children Playground Equipment, Open Air Gym Equipment, Ornamental materials and Horticulture items for ASKA NAC, for the year 2025-26." as per the specification which will be received through Tender Box/Speed Post/Courier Post to (he Executive Officer NAC ASKA on or before **07.12.2025. tip to 5.00P.M** and the same will be opened on **08.12.2025 at 11.30 AM** in the presence of the quotationers or their authorized agents present on their behalf. The authority will not be held responsible for the postal delay, if any. in the delivery of the documents or non-receipt of the same. The document schedule will be available in the Office of the N.A.C. ASKA during working hour from **27.11..2025 to 06.12.2025 up to 5.00 P.M** on payment ofnonrefundable cash of Rs. 2000.00. The intending bidder are to submit copies of valid Registration certificate from competent authorities of the State Govt./Central Govt./PSU organization and PAN Card along with Experience Certificate in similar nature of works and EMD of Rs 6000.00 (In shape of Bank Draft/ Bankers Cheque) in favour of Executive Officer N.A.C. ASKA with their bid, failing which their bid shall not be taken in to consideration.

The authority reserves the right to reject any or all the tenders without assigning any reason thereof...

Sd/- Executive officer
NAC. ASKA

OFFICE OF THE
**MUNICIPAL COUNCIL, SONEPUR** C-1593
"e" Procurement Notice
*BID Identification No: SNP-MUN-32/2025-26*
*TENDER ID: 2025_ORULB_ 122035*
*Tender Call Notice No. 3001 / Date. 26.11.2025*

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt, website i.e www.tendersodisha.gov.in.

| | |
|---|---|
| 1. Name of the Work | : As per DTCN |
| 2. No. of works | : **1 Nos.** |
| 3. Amount put to Tender | : As per DTCN |
| 4. Period of Completion | : As per DTCN |
| 5. Starting Date &Time of Bidding | : From Dt. **28.11.2025** from **11.00 A.M.** |
| 6. Last Date & Time for Receipt of tenders through online | : On or before **Dt.11.12.2025** up to **05.00 PM** |
| 7. Bids received online shall be opened on | : On **Dt.12.12.2025** at **11.00 AM** |
| 8. Name and address of the Officer inviting Bid | : Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in

Sd/- Executive Officer
Sonepur Municipality

WORKS DEPARTMENT B-743
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
**Bid Identification No.-S.E.-56/2025-26**

1. Number of works - 01 (One) number of Building works
2. Approximate estimated cost: - 79.76 lakh
3. Period of Completion :- 04 (Four) Calendar Months
4. Date & Time of availability of bid documents in the portal:- Dt. 27.11.2025 to 11.12.2025.
5. Last Date / Time of receipt of bid in the portal :- Dt. 11.12.2025 up to 5.00 PM
6. Date of Opening of bid:- Dt. 12.12.2025 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସାଂସଦ କମିଟି ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଅଧିନସ୍ଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପରିସୀମାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦଙ୍କ ସାଂସଦ କମିଟି ବୈଠକ ସୋମବାର ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନଙ୍କ ସହିତ ଅଞ୍ଚଳର ପ୍ରତିଷ୍ଠିତ ସାଂସଦମାନଙ୍କର ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ବୈଠକ ସମୟରେ, ସାଂସଦମାନେ ସର୍ବସମ୍ମତି କ୍ରମେ କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଡିଭିଜନାଲ କମିଟିର ଅଧ୍ୟକ୍ଷ ଭାବରେ ମନୋନୀତ କରିଥିଲେ।



ବୈଠକରେ ପୁରୀ ସାଂସଦ ଡକ୍ଟର ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଁଟିଆ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ,କେନ୍ଦୁଝର ସାଂସଦ ଅନନ୍ତ ନାୟକ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଯାଜପୁର ସାଂସଦ ଡକ୍ଟର ରବିନ୍ଦ୍ର ନାରାୟଣ ବେହେରା, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଉପସ୍ଥିତ ଥିଲେ । ବୈଠକରେ ଉପସ୍ଥିତ ସଦସ୍ୟମାନେ ଗଠନମୂଳକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା, ଯାତ୍ରୀ ସୁବିଧା ବୃଦ୍ଧି କରିବା ଏବଂ ସମଗ୍ର ଅଞ୍ଚଳରେ ରେଳ ସଂଯୋଗୀକରଣକୁ ବିସ୍ତାର କରିବା ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସେମାନେ ଖୋର୍ଦ୍ଧା ରୋଡ୍ ଡିଭିଜନ ଦ୍ୱାରା ଗ୍ରହଣ କରାଯାଇଥିବା ବିକାଶମୂଳକ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ ଏବଂ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା, ଟ୍ରେନ୍ ସେବାରେ ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କ ସୁବିଧାକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଂସଦମାନେ ଆଞ୍ଚଳିକ ସଂଯୋଗୀକରଣରେ ଉନ୍ନତି ଆଣିବା, ମାଲ ପରିବହନ ବୃଦ୍ଧି କରିବା ଏବଂ ସମଗ୍ର ଅଂଚଳରେ ଯାତ୍ରୀ ସେବାକୁ ଉନ୍ନତ କରିବା ପାଇଁ ପୂର୍ବତଟ ରେଳପଥର ନିରନ୍ତର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସାଂସଦମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ମୂଲ୍ୟବାନ ମତାମତ, ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ସେ ଯାତ୍ରୀ ସେବାରେ ଉନ୍ନତି, ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶରେ ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ରେଳପଥର କାର୍ଯ୍ୟଦକ୍ଷତା ବିଷୟରେ ଆଲୋକପାତ କରିବା ସହ ଚାଲୁରହିଥିବା ବିଭିନ୍ନ ରେଳ ପ୍ରକଳ୍ପ ଗୁଡିକର ଅଗ୍ରଗତିର ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠୀ ରେଳମଣ୍ଡଳର ଭୌଗୋଳିକ ପ୍ରସାର, କାର୍ଯ୍ୟକ୍ଷମ ପ୍ରଦର୍ଶନ ଏବଂ ଉନ୍ନତ ଦକ୍ଷତା ଏବଂ ସେବା ପ୍ରଦାନରେ ଯୋଗଦାନ କରୁଥିବା ପ୍ରମୁଖ ପଦକ୍ଷେପଗୁଡ଼ିକର ଏକ ବିସ୍ତୃତ ସମୀକ୍ଷା ଉପସ୍ଥାପନ କରିଥିଲେ। ପୂର୍ବତଟ ରେଳପଥର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ ।

## ରାଜ୍ୟରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସ୍ଥାଣୁ ପାଲଟିଛି: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଯାଇଛି ବୋଲି ନିକଟରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ଟ୍ରେଜେରି ଅଫିସରଙ୍କ ଉଦ୍ଦେଶ୍ୟରେ ଜାରି ହୋଇଥିବା ଚିଠିରୁ ସ୍ପଷ୍ଟ ହୋଇଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜେ ଅଭିଯୋଗ ଶୁଣାଣି କରି ସିଧାସଳଖ ଲୋକଙ୍କ ଅଭିଯୋଗର ସମାଧାନ କରୁଛନ୍ତି ବୋଲି ବିଜେପି ତରଫରୁ ହୋଇଆସୁଥିବା ଦାବି ସତ୍ୟ ଠାରୁ ବହୁ ଦୂରରେ ଥିବା ଏଥିରୁ ପ୍ରମାଣିତ ହେଉଛି ବୋଲି ବିଜେଡି କହିଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ଏହି ଚିଠିରେ ସ୍ପଷ୍ଟ କୁହାଯାଇଛି ଯେ, ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଆସୁଥିବା ଅଭିଯୋଗ ଗୁଡିକ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ହେବା କଥା । କିନ୍ତୁ ବାରମ୍ବାର କୁହାଯିବା ପରେ ଅଭିଯୋଗ ସମାଧାନ ସନ୍ତୋଷଜନକ ହୋଇପାରୁ ନାହିଁ । ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ ଗ୍ରୀଭାନ୍ସ ସେଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବୋଲି ଚିଠିରେ କୁହାଯାଇଛି ।

## ନିୟନ୍ତ୍ରୀତ ବଜାରକମିଟୀ, କୁଚିଣ୍ଡା

ଏତଦ୍ୱାରା କୁଚିଣ୍ଡା ଉପଖଣ୍ଡର ସମସ୍ତ ଧାନ ଚାଷୀ ମାନଙ୍କୁ ଜଣାଇ ଦିଆଯାଉଛି ଯେ ଚଳିତ ଖରିଫ ୨୦୨୫-୨୬ ବର୍ଷ ପାଇଁ ୯ ଗୋଟି LAMPCs ଓ ୬ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ୫୭ ଗୋଟି କ୍ରୟ କେନ୍ଦ୍ର ରେ ତା ୨୮.୧୧.୨୦୨୫ ରିଖ ଠାରୁ ଧାନ କ୍ରୟ କରାଯିବ ଏଣୁ ଚାଷୀ ଭାଇଭଉଣୀ ମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନ କୁ ଭଲ ଭାବରେ ସଫାକରି (FAQ) ମାନର ଉନ୍ନୀତ କରାଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ

ଧାନ ର ମାନ ନିର୍ଧାରଣ –F.A.Q

| କ୍ର. ନ ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ୧-ବାଲି,ମାଟି,ଗୋଡି, ପଥର,ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.0% |
| ୨-କାଠି,କୁଟା,ଭୁସି,ଅଗାଡି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.0% |
| ୩-ଖରାପ, ବେରଙ୍ଗି,ପାନିପୋଲା, ପୋକା ଇତ୍ୟାଦି | ୫.0% |
| ୪-ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଂକୁଚିତ ଇତ୍ୟାଦି | ୩.0% |
| ୫-ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ ଏ ପାଇଁ ପ୍ରଯୁଜ୍ୟ ) | ୬.0% |
| ୬-ଆଦ୍ରତା ବା ଜଳୀୟ ଅଂଶ | ୧୭.0% |

ଧାନ ର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ

| | | |
|---|---|---|
| ସାଧାରଣ ଶ୍ରେଣୀ ( FAQ ) | ଟ ୨୩୬୯.00 | (ପ୍ରତି କୁଇଣ୍ଟାଲ) |
| କ ଶ୍ରେଣୀ ଧାନ | ଟ ୨୩୮୯.00 | (ପ୍ରତି କୁଇଣ୍ଟାଲ) |

ନିୟନ୍ତ୍ରୀତ ବଜାରକମିଟୀ, କୁଚିଣ୍ଡା
ଜିଲ୍ଲା ପ୍ରଶାସନ ସମ୍ବଲପୁର

ଭୁବନେଶ୍ୱର
୨୮ ନଭେମ୍ବର,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ବିମାନ ବନ୍ଦର ଠାରେ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

# ଶ୍ରୀମନ୍ଦିର ଆଲୋକୀକରଣ ପାଇଁ ୧୭ କୋଟି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ

**ପୁରୀ, ୨୭/୧୧ ନ୍ୟୁଜ ବ୍ୟୁରୋ**

ଆଲୋକୀକରଣ ହେବ ଶ୍ରୀମନ୍ଦିର। ଏଥିପାଇଁ ଖର୍ଚ୍ଚ ହେବ ୧୭ କୋଟି ୧୨ ଲକ୍ଷ ଟଙ୍କା। ଏହି ଅର୍ଥ ଅବଢ଼ା ଯୋଜନାରେ ଖର୍ଚ୍ଚ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ସରକାରଙ୍କୁ ଅନୁରୋଧ କରିଛି। ଭାରତୀୟ ଏଏସ୍ଆଇ ପ୍ରସ୍ତୁତ କରିଥିବା ଡିପିଆରକୁ ମୋହର ମାରିଛି ପରିଚାଳନା କମିଟି । ସରକାର ବଦଳିବା ପରେ ପରେ ଶ୍ରୀମନ୍ଦିର ଚାରିପାଖେ ଲାଗିଥିବା ଫୋକସ୍ ଲାଇଟ୍ ଠିକା ସଂସ୍ଥା ଖୋଲିଦେଇଥିଲା। ଏହାପରେ ଶ୍ରୀମନ୍ଦିର ହଠାତ୍ ଅନ୍ଧାର ହୋଇ ପଡ଼ିଥିଲା ଓ ଲାଇଟ୍ ଲଗାଯିବା ପ୍ରସଙ୍ଗକୁ ନେଇ ବିବାଦ ଦେଖାଦେଇଥିଲା। ଶ୍ରୀମନ୍ଦିର



ପରିକ୍ରମା ପ୍ରକଳ୍ପ ବେଳେ ଠିକାସଂସ୍ଥା ଏହାକୁ ଲଗାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ବା ସରକାର ଟଙ୍କାଟିଏ ଖର୍ଚ୍ଚ କରିନଥିବା ଦର୍ଶାଇଥିଲେ। ଘଟଣାର ତଦନ୍ତ ହେବା ସହ ଠିକାସଂସ୍ଥାର ୪ ଜଣ କର୍ମଚାରୀଙ୍କୁ ଅଟକ ରଖାଯାଇଥିଲା। କିନ୍ତୁ ଅଧିକ ଖୋଳତାଡ଼ରୁ ଏଭଳି ଚିତ୍ର ପଦାକୁ ଆସିବାରୁ କର୍ତ୍ତୃପକ୍ଷ ଆଉ ତନାଘନା କରିନଥିଲେ। ଓଲଟା ଶ୍ରୀମନ୍ଦିର ପ୍ରଶାସନ ଠିକାସଂସ୍ଥା ଜରିଆରେ ଅଳ୍ପ ଲାଇଟ୍ ଲଗାଇ ଆଲୋକୀକରଣ ବ୍ୟବସ୍ଥା କରିଥିଲା। ଏବେ ଶ୍ରୀମନ୍ଦିର ପରିସର ସହ ଫୋକସ୍ ଲାଇଟ୍ ସ୍ଥାୟୀ ଭାବରେ ଲଗାଇବାକୁ ନିଷ୍ପତ୍ତି ହୋଇଛି।

# ରାଜଭବନରେ ନୂଆ କଳିଙ୍ଗ ଅତିଥି ନିବାସ ଗୃହ ଉଦ୍‌ଘାଟନ କଲେ ରାଷ୍ଟ୍ରପତି



**ଭୁବନେଶ୍ୱର, ୨୭/୧୧ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱରରେ ଅବତରଣ କରିଥିଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟପାଳ ହରିବାବୁ କମ୍ଭମପାଟି ତାଙ୍କୁ ସ୍ୱାଗତ କରିଛନ୍ତି । ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପୂର୍ବ ନିର୍ଦ୍ଧାରିତ ସମୟ ପୂର୍ବରୁ ରାଷ୍ଟ୍ରପତି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ବାୟୁ ସେନାର ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟପାଳ ଡଃ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ଡିଜିଙ୍କ ପ୍ରତିନିଧି ତଥା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଟ୍ୱିନ ସିଟି ପୋଲିସ କମିଶନର ଏସ ଦେବଦତ୍ତ ସିଂହ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି । ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ଲାଗି ବିମାନ ବନ୍ଦରରୁ ରାଜଭବନ ରାସ୍ତାର ଭିଡ଼ ଦେଖିବାକୁ ମିଳିଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଛିଡା ହୋଇଥିବା ଜନସାଧାରଣ ଓ ଶୁଭେଚ୍ଛୁଙ୍କୁ ହାତ ହଲେଇ ରାଷ୍ଟ୍ରପତି ଅଭିବାଦନ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତିଙ୍କୁ ଆଦିବାସୀ ଲୋକଗୀତ ଓ ନୃତ୍ୟ ଦ୍ୱାରା ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ଲାଗି ବିମାନ ବନ୍ଦରରୁ ରାଜଭବନ ରାସ୍ତାରେ ପୋଷ୍ଟର ଓ ବ୍ୟାନର ମଧ୍ୟ ମରାଯାଇଥିଲା । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜଭବନରେ ନିର୍ମାଣ ହୋଇଥିବା ନୂଆ କଳିଙ୍ଗ ଅତିଥି ନିବାସର ଗୃହ ଉଦ୍‌ଘାଟନ କରିଥିଲେ।

ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତର ପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶନ କରେ। ପ୍ରତ୍ୟେକ କୋଠରୀକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବରେ ଡିଜାଇନ୍ କରାଯାଇଛି । କଳିଙ୍ଗ ଅତିଥି ଭବନର ଉଦଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ଗର୍ବର ମୁହୂର୍ତ୍ତ କାରଣ ଏହି ମର୍ଯ୍ୟାଦାଜନକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ନିଜେ ରାଷ୍ଟ୍ରପତି କରିଥିଲେ ।

ଏହା ପରେ ରାଜଭବନରେ ପହଞ୍ଚି ରାଷ୍ଟ୍ରପତି ମଧ୍ୟାହ୍ନ ଭୋଜନ କରିଥିଲେ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିଧାନସଭାର ବାଚସ୍ପତି, ପୂର୍ତ୍ତ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ପୋଲିସ ଡିଜି, ଅଗ୍ନିଶମ ଡିଜି ଓ ପୋଲିସ କମିଶନର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ବିଧାୟକମାନଙ୍କ ସହ ମଧ୍ୟ ଫଟୋ ଉଠାଇଥିବାର ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କର ସୁରକ୍ଷା, ରାଜଭବନରେ ରହଣି, କାରକେଡ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, କାର୍ଯ୍ୟକ୍ରମରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନ ବନ୍ଦର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।



ଭୁବନେଶ୍ୱର : ବିଧାନସଭାର ଐତିହାସିକ ଶୀତ ଅଧିବେଶନରେ ଯୋଗଦେବା ପାଇଁ ଗୃହକୁ ପ୍ରବେଶ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧି ଦଳ ନେତା ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

## ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡର କଣ୍ଟ୍ରୋଲର ହେଲେ ଧରଣୀଧର ପାତ୍ର

**କଟକ ୨୭/୧୧ ନ୍ୟୁଜ ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପରୀକ୍ଷା ନିୟନ୍ତ୍ରକ(କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ) ଭାବେ ଧରଣୀଧର ପାତ୍ରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଯୁକ୍ତ ଦେଇଛି । ଶ୍ରୀ ପାତ୍ର ଏବେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ(ଏଡିଇଓ) ଭାବେ କାର୍ଯ୍ୟରତ ଅଛନ୍ତି । ବାଲେଶ୍ୱରରୁ ସେ ଖୁବ୍‌ଶୀଘ୍ର ରିଲିଭ୍ ହୋଇ ବୋର୍ଡ କାର୍ଯ୍ୟାଳୟରେ ଯୋଗଦେବେ ବୋଲି ସୂଚନା ମିଳିଛି । ବୋର୍ଡର କଣ୍ଟ୍ରୋଲର ପଦବୀ ଖାଲିଥିବାରୁ ଉକ୍ତ ପଦବୀରେ ଡେପୁଟି କଣ୍ଟ୍ରୋଲର ଚକ୍ରଧର ବେହେରାଙ୍କୁ ଇନ୍‌ଚାର୍ଜ କଣ୍ଟ୍ରୋଲର ଭାବେ ନିୟୋଜିତ କରାଯାଇଛି। ନିୟମିତ କଣ୍ଟ୍ରୋଲର ଆସିବା ପରେ ଖାଲିଥିବା ଏହି ପଦବୀ ପୂରଣ ହେବ। ମାଟ୍ରିକ୍ ପାଇଁ ବୋର୍ଡ କର୍ତ୍ତୃପକ୍ଷ ମାସେ ହେଲା ପ୍ରସ୍ତୁତି ଚଳାଇ ଆସୁଛନ୍ତି । ତେବେ ଏସବୁ ମଧ୍ୟରେ ମାଟ୍ରିକ୍ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଇନ୍‌ଚାର୍ଜ କଣ୍ଟ୍ରୋଲର ବଦଳିଛନ୍ତି । ନୂଆ କଣ୍ଟ୍ରୋଲର ଆସିବା ପରେ ତାଙ୍କ ପାଇଁ ଏହି ମାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

## ସଫଳତା କ୍ଷେତ୍ରରେ ବୟସ ହାର ମାନେ

# ଚଢ଼ିବାରେ ଦକ୍ଷ, ବୁଡ଼ିବାରେ ଅଭିଜ୍ଞ-ସାହସିକତା ଏବଂ ଉତ୍କର୍ଷତାର ଏକ ବିରଳ ସଂଯୋଗ : ବିଜୟ ଗୁପ୍ତା

**ଭଦ୍ରକ, ୨୭/୧୧ ନ୍ୟୁଜ ବ୍ୟୁରୋ**

ଗତ ମଙ୍ଗଳବାର ହୋଟେଲ ତାରିଣୀ କଣ୍ଟିନେଣ୍ଟାଲ, ଦହାନୀଗଡ଼ିଆ, ଚରମ୍ପାରେ ଆୟୋଜିତ ବିଜୟ ଗୁପ୍ତାଙ୍କ ସମ୍ବର୍ଦ୍ଧନା ସମ୍ମିଳନୀ ଉତ୍ସାହ ଓ ଉଦ୍ଦୀପନାର ସହିତ ସଫଳ ଭାବେ ପରିଚାଳିତ ହୋଇଥିଲା। ଏହି ସମ୍ମିଳନୀରେ ତାଙ୍କୁ ରୋଟାରୀ କ୍ଲବ୍ ଭଦ୍ରକ ମିଡ୍ ଟାଉନ୍, ଲାୟନ୍ସ କ୍ଲବ୍ ଭଦ୍ରକ, ୟୁନାଇଟେଡ୍ କ୍ଲବ୍ ଭଦ୍ରକ ଓ ତାଙ୍କର ସ୍କୁଲ ମେଟ୍ ଓ ବନ୍ଧୁମାନେ ମିଶି ସମ୍ମାନିତ କରିଥିଲେ। ଏହି ସମ୍ମାନ ଓ ସ୍ୱାଗତ ସମ୍ମିଳନୀ ବିଜୟ ଗୁପ୍ତାଙ୍କ ଅସାଧାରଣ ସାହସିକତା, ପାହାଡ଼ ଚଢାରେ ବିଜୟ ଓ ସମୁଦ୍ର ଅନୁସନ୍ଧାନରେ ତାଙ୍କର ଅଦ୍ଭୁତ କୃତିକୁ ସ୍ୱୀକୃତି ଦେଇଛି। ଏହା ତାଙ୍କ ଜୀବନର ଏକ ସୁବର୍ଣ୍ଣ ଅଧ୍ୟାୟ ଓ ପ୍ରେରଣାଦାୟକ ଘଟଣା ଭାବେ ସ୍ଥାପିତ ହୋଇଛି। ବନ୍ଧୁ ଓ ଶୁଭଚିନ୍ତକମାନେ ଏହି ଅବସରରେ




ଉପସ୍ଥିତ ରହି ତାଙ୍କୁ ହୃଦୟପୂର୍ବକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାର ଭଦ୍ରକ ଚରମ୍ପାର ବିଜୟ ଗୁପ୍ତା ତାଙ୍କର ଉଲ୍ଲେଖନୀୟ ଧୈର୍ଯ୍ୟ, ଆତ୍ମ-ଶୃଙ୍ଖଳା ଏବଂ ସାହସିକତା ପାଇଁ ଆଜି ସଫଳତାରେ ପହଞ୍ଚିଛନ୍ତି। ବୟସ ତାଙ୍କ ପାଖରେ ହାର ମାନିଛି। ୬୪ ବର୍ଷ ବୟସରେ ସେ ବଙ୍ଗୋପସାଗରର ଗଭୀର ଜଳରେ ସ୍କୁବା ଡାଇଭିଂ (୧୮ ମିଟର)କରି ବିରଳ ଗୌରବ ହାସଲ କରିଛନ୍ତି। ଖାଲି ସେତିକି ନୁହେଁ ସେହି ଅଟଳ ଦୃଢ଼ ନିଷ୍ଠା ପ୍ରଦର୍ଶନ କରି ସେ ୧୪,୧୦୭ ଫୁଟ ଉଚ୍ଚତାକୁ ଚଢ଼ି ୬୪ କିଲୋମିଟର ହିମାଳୟ ପଦଯାତ୍ରା କରିଥିଲେ ଏବଂ ସଫଳତାର ସହିତ ସମାପ୍ତ କରିଥିଲେ। ଏହି ଅସାଧାରଣ ସଫଳତା ତାଙ୍କର ଦୃଢ଼ତା, ମାନସିକ ଶକ୍ତି ଏବଂ ମାନବ କ୍ଷମତାର ଆଗ୍ରହକୁ ପ୍ରତିଫଳିତ କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ତାଙ୍କର ଏହି ଦୁଇ ସଫଳତାରୁ ବୟସ କେବଳ ଏକ ନମ୍ବର ବୋଲି ପ୍ରମାଣିତ ହୋଇଛି। ଦୃଢ଼ ଇଚ୍ଛାଶକ୍ତି ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ଏହା ବିଜୟ ଗୁପ୍ତାଙ୍କ ଅପାର ସଫଳତାରୁ ଜଣାପଡିଛି।

# କିମ୍ସରେ ଓଡ଼ିଶାର ପ୍ରଥମ ଡିଜିଟାଲ୍ ପାଥୋଲୋଜି ସ୍କାନର୍

**ଭୁବନେଶ୍ୱର, ୨୭।୧୧ ନ୍ୟୁଜ ବ୍ୟୁରୋ**

ଦ୍ରୁତ ଓ ଠିକ୍ ରୋଗ ନିର୍ଣ୍ଣୟ ପାଇଁ କିମ୍ସରେ ଓଡ଼ିଶାର ପ୍ରଥମ ଅତ୍ୟାଧୁନିକ ଡିଜିଟାଲ୍ ପାଥୋଲୋଜି ସ୍କାନର କାର୍ଯ୍ୟ ଆରମ୍ଭ କରିଛି। କିମ୍ସ ପାଥୋଲୋଜି ବିଭାଗରେ ଅତ୍ୟାଧୁନିକ ଏସ୍‌ଜି୬୦ ଡିଜିଟାଲ୍ ପାଥୋଲୋଜି ସ୍କାନରକୁ କାର୍ଯ୍ୟକ୍ଷମ କରାଯାଇଛି। ଠିକ୍ ରୋଗ ନିଦାନ କ୍ଷେତ୍ରରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଗୁରୁବାର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସ୍କାନର ସମସ୍ତ ପ୍ରକାର ରୋଗ ନିଦାନ ନିର୍ଭୁଲ ଭାବେ ନିର୍ଣ୍ଣୟ କରିପାରିବ। ଦ୍ରୁତ ଡିଜିଟାଇଜେସନ୍ ଓ ସ୍ୱୟଂଚାଳିତ ସ୍ଲାଇଡ୍ ବିଶ୍ଳେଷଣ ମାଧ୍ୟମରେ କର୍କଟ ଭଳି ଗୁରୁତର ରୋଗର ଚିହ୍ନଟ ପାଇଁ ସମୟ ହ୍ରାସ କରିବା ସହ ରୋଗୀଙ୍କ ପାଇଁ ଚିକିତ୍ସାକୁ ଆହୁରି ସରଳ ଓ ସୁଗମ କରିବ। ଏଥିରେ କମ୍ପ୍ୟୁଟର ସ୍କ୍ରିନ୍ କିମ୍ବା ମୋବାଇଲ୍ ଡିଭାଇସରେ ଦେଖାଯାଇପାରୁଥିବା ଉଚ୍ଚ ରିଜୋଲ୍ୟୁସନ୍ ଡିଜିଟାଲ୍ ପ୍ରତିଛବି ଓ



ସ୍କାନିଂ ଡିଭାଇସ୍ ସହିତ ଗ୍ଲାସ୍ ସ୍ଲାଇଡ୍ କ୍ୟାପଚର କରାଯିବା ସମୟରେ ଡିଜିଟାଲ୍ ସ୍ଲାଇଡ୍ ସୃଷ୍ଟି କରାଯାଏ। ସ୍ୱତନ୍ତ୍ର ଡିଜିଟାଲ୍ ପାଥୋଲୋଜି ସଫ୍ଟୱେର ବ୍ୟବହାର କରି ନେଟୱାର୍କରେ ଡିଜିଟାଲ୍ ସ୍ଲାଇଡ୍ ସେୟାର କରିବାର ସୁବିଧା ରହିଛି। ଏହା ସ୍ନାତକ, ସ୍ନାତକୋତ୍ତର ଶିକ୍ଷା ଓ ବାହ୍ୟ ଗୁଣବତ୍ତା ଆଶ୍ୱାସନା ପାଇଁ ହିଷ୍ଟୋପାଥୋଲୋଜି ଶିକ୍ଷାର ପୂର୍ଣ୍ଣ ସ୍ପେକ୍ଟ୍ରମ୍ ନିଯୁକ୍ତ କରି ଡାକ୍ତରୀ ଛାତ୍ରମାନଙ୍କ ପାଇଁ ମଧ୍ୟ ସହାୟକ ହେବ। ଏହି ସ୍କାନର ମେସିନ୍‌ରେ ମଧ୍ୟ ଡାଇଗ୍ନୋଷ୍ଟିକ୍ ସେବାର କୃତ୍ରିମ ବୁଦ୍ଧିମତା (ଏଆଇ)ବ୍ୟବହାରର ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିମ୍ସ ପରାମର୍ଶଦାତା ଡା. ଆର ଏନ ସାମନ୍ତ, କିମ୍ସ ପାଥୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ରଞ୍ଜନା ଗିରି ଏବଂ କିମ୍ସର ଅନ୍ୟ ବରିଷ୍ଠ ଡାକ୍ତର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏସ୍ଆଇ ସ୍କାମ୍ : ଝାରପଡା ଜେଲ୍‌ରେ ସିବିଆଇର ତନାଘନା



**କଟକ ୨୭/୧୧ ନ୍ୟୁଜ ବ୍ୟୁରୋ**

ପୋଲିସ ଏସ୍ଆଇ ପରୀକ୍ଷାରେ ବଡ ଜାଲିଆତିର ତନାଘନା ପାଇଁ ଝାରପଡା ଜେଲ୍‌ରେ ପହଞ୍ଚିଲା ସିବିଆଇ ଟିମ୍। ୪ ଅଭିଯୁକ୍ତ ହେଲେ ଲୋକନାଥ ସାହୁ, ତାରିଫ ଅହମ୍ମଦ ଖାନ, ବିଶ୍ୱରଞ୍ଜନ ବେହେରା ଓ ବିଶ୍ୱରଞ୍ଜନ ହରିଚନ୍ଦନଙ୍କୁ ୩ଦିନିଆ ରିମାଣ୍ଡରେ ନେବାକୁ ଝାରପଡା ଜେଲ୍‌ରେ ଡେରା ପକାଇଛନ୍ତି ସିବିଆଇର ଟିମ୍ । ୪ ଅଭିଯୁକ୍ତଙ୍କୁ ୩ଦିନିଆ ରିମାଣ୍ଡରେ ନେବାକୁ ବୁଧବାର ଅନୁମତି ଦେଇଥିଲେ ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟ । ଏସ୍ଆଇ ପରୀକ୍ଷା ଜାଲିଆତିକୁ ନିକଟ ଅତୀତରେ ନିଯୁକ୍ତିର ସବୁଠାରୁ ବଡ ଘୋଟାଲା ବୋଲି କୁହାଯାଉଛି । ଓଡ଼ିଶା ପୋଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହୋଇଥିଲା। ପ୍ରଥମେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ସିଆଇଡିକୁ ଦିଆଯାଇଥିଲା। ଦୁର୍ନୀତିରେ ଆନ୍ତଃରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ସନ୍ଦେହରେ ଏହି ନିଷ୍ପତ୍ତି ହୋଇଥିଲା। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ଏପରି ବଡ ନିଷ୍ପତ୍ତି ନେଇଥିଲେ। ଅନୁସନ୍ଧାନରୁ ଜଣାପଡିଥିଲା ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପି ଥାଇପାରେ। ଏହା ସହିତ ଦୁର୍ନୀତିରେ ଆନ୍ତଃରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବା ନେଇ ସନ୍ଦେହ ହୋଇଥିଲା। ସବୁକୁ ଦୃଷ୍ଟିରେ ରଖି ଦୁର୍ନୀତିର ସଂପୂର୍ଣ୍ଣ ପର୍ଦ୍ଦାଫାଶ କରିବାକୁ ମୁଖ୍ୟମନ୍ତ୍ରୀ ସିବିଆଇକୁ ତଦନ୍ତ ଭାର ହସ୍ତାନ୍ତର କରିଥିଲେ । ଏବେ ସୁଦ୍ଧା ଜାଲିଆତି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଯାଇଛି । ଗିରଫଙ୍କ ମଧ୍ୟରୁ ୧୧୪ ଜଣଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜାମିନ ପ୍ରଦାନ କରିଛନ୍ତି । ୫୦ ହଜାର ଟଙ୍କା ଓ ୨ ଜାମିନଦାରଙ୍କ ମୁଚାଲିକାରେ ଜାମିନ ମିଳିଛି ବୋଲି ସୂଚନା ମିଳିଛି।

# ଗର୍ଭବତୀ ଏବଂ ତାଙ୍କ ପରିବାରକୁ ବାଂଲାଦେଶରୁ ଫେରାଇ ଆଣ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୭/୧୧**

ଜଣେ ଗର୍ଭବତୀଙ୍କ ସମେତ ୬ ଜଣଙ୍କର ସେମାନଙ୍କ ନାଗରିକତା ଯାଞ୍ଚ ନକରି ବାଂଲାଦେଶ ପଠାଇବା ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କୁ ଅନେକ ପ୍ରଶ୍ନ ପଚାରିବା ସହ ଏହି ସମସ୍ତ ଲୋକଙ୍କୁ ଭାରତ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ।

୨୫ ବର୍ଷୀୟ ସୁନାଲି ଖାତୁନ ଏବଂ ଏହି ବର୍ଷ ଜୁନ୍ ମାସରେ ଦିଲ୍ଲୀରେ ଅଟକ ରଖାଯାଇଥିବା ଅନ୍ୟ ପାଞ୍ଚ ଜଣଙ୍କୁ ଅଟକ ରଖିବାର ତିନି ଦିନ ମଧ୍ୟରେ ବାଂଲାଦେଶ ପଠାଇ ଦିଆଯାଇଥିଲା। ସୁନାଲିଙ୍କ ସହିତ ତାଙ୍କ ସ୍ୱାମୀ ଦାନିଶ, ସେମାନଙ୍କର ୮ ବର୍ଷର ପୁଅ ଏବଂ ପରିବାରର ଅନ୍ୟ ତିନି ଜଣଙ୍କୁ ମଧ୍ୟ ବାଂଲାଦେଶ ପଠାଇ ଦିଆଯାଇଥିଲା। ସୁପ୍ରିମ କୋର୍ଟ ନବନିଯୁକ୍ତ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଶୁଣାଣି ସମୟରେ କେନ୍ଦ୍ର ସରକାର ଆଉ ଏକ



ଦିନ ସମୟ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। କୋର୍ଟ ମୌଖିକ ଭାବରେ କହିଥିଲେ ଯେ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ସରକାର ପ୍ରଥମେ ସମସ୍ତ ଛଅ ଜଣଙ୍କୁ ଭାରତ ଫେରାଇ ଆଣିବାକୁ ପଡ଼ିବ। ସେମାନଙ୍କ ଫେରିବା ପରେ ହିଁ ଅଧିକାରୀମାନେ ସେମାନଙ୍କ ଡକ୍ୟୁମେଣ୍ଟ ଯାଞ୍ଚ କରି ସେମାନଙ୍କ ନାଗରିକତା ସ୍ଥିତି ନିଷ୍ପତ୍ତି ନେଇପାରିବେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୧ ପାଇଁ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ସରକାର କଲିକତା ହାଇକୋର୍ଟର ପୂର୍ବ ନିର୍ଦ୍ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେବା ପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ସେପ୍ଟେମ୍ବର ୨୪ ତାରିଖରେ କଲିକତା ହାଇକୋର୍ଟ ସରକାରଙ୍କୁ ଚାରି ସପ୍ତାହ ମଧ୍ୟରେ ସମସ୍ତ ଛଅ ଜଣଙ୍କୁ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ, ଯାହା ମାମଲାର ଏବେ ତଦନ୍ତ କରୁଛି। ୨୬ ଜୁନରେ ସୁନାଲି ଏବଂ ସ୍ୱିଟି ବିବିଙ୍କ ପରିବାରଙ୍କୁ ବେଆଇନ ବାଂଲାଦେଶୀ ପ୍ରବାସୀ ସନ୍ଦେହରେ ଦିଲ୍ଲୀ ପୋଲିସ ଦ୍ୱାରା ଉଠାଇ ନିଆଯାଇଥିଲା। ସେମାନେ ଦାବି କରିଥିଲେ ଯେ ସେମାନେ ବଙ୍ଗଳାରୁ ଆସିଛନ୍ତି। ଅଦାଲତରେ ଦାଖଲ ହୋଇଥିବା ବିବରଣୀରୁ ଜଣାପଡିଛି ଯେ ଖାତୁନ୍ ଏବଂ ତାଙ୍କ ସହିତ ବାଂଲାଦେଶକୁ ନିର୍ବାସିତ ଅନ୍ୟ ଜଣେ ମହିଳାଙ୍କ ପାଖରେ ଭାରତରୁ ପୁରୁଣା ଏବଂ ଯାଞ୍ଚଯୋଗ୍ୟ କାଗଜପତ୍ର ଥିଲା। ସେମାନଙ୍କ ପିତାମାତାଙ୍କ ନାମ ୨୦୦୨ ନିର୍ବାଚନ ତାଲିକାରେ ମଧ୍ୟ ତାଲିକାଭୁକ୍ତ, ଯାହା ଦର୍ଶାଏ ଯେ ସେମାନେ ଦୁଇ ଦଶନ୍ଧି ପୂର୍ବେ ଭାରତରେ ଭୋଟର ଭାବରେ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ପରିବାର ୧୯୫୨ ମସିହାର ଜମି ରେକର୍ଡ ମଧ୍ୟ ପ୍ରଦାନ କରିଛନ୍ତି, ଯାହା ଦେଶରେ ସେମାନଙ୍କର ନିରନ୍ତର ବାସସ୍ଥାନ ଏବଂ ସମ୍ପତ୍ତିର ମାଲିକାନା ଦର୍ଶାଏ। ଆବେଦନକାରୀଙ୍କ ଓକିଲମାନେ ଯୁକ୍ତି ଦେଇଥିଲେ ଯେ ନିର୍ବାସନ ଉପରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏପରି କାଗଜପତ୍ର ଯାଞ୍ଚ କରାଯିବା ଉଚିତ ଥିଲା। ତଥାପି, ଯାଞ୍ଚ ବିନା ସେମାନଙ୍କୁ ଦେଶ ବାହାରକୁ ପଠାଇବା ନ୍ୟାୟିକ ଉଲ୍ଲଂଘନ କରେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏହି ଛଅ ଜଣଙ୍କୁ ଭାରତ ଫେରାଇ ଅଣାଗଲେ ହିଁ ନାଗରିକତା ସମସ୍ୟାର ସମାଧାନ ହୋଇପାରିବ।

ସେହିପରି ଦିନକୁ ଦିନ ଓଟିଟି ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆରେ ବଢ଼ିବାରେ ଲାଗିଛି ଅଶ୍ଳୀଳ କଣ୍ଟେଣ୍ଟ। ଏହାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ଗୁରୁବାର ଏହି ପ୍ରସଙ୍ଗରେ ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ୪ ସପ୍ତାହ ଭିତରେ ଜବାବ ଦେବାକୁ କହିଛନ୍ତି। ଶୁଣାଣି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ଫୋନ ଚାଲୁ କରିବା ମାତ୍ରେ କିଛି ଏଭଳି ଆସେ ଯାହା ଆପଣ ଚାହୁଁନାହାଁନ୍ତି, କିନ୍ତୁ ଏହା ବାଧ୍ୟତାମୂଳକ ଭାବରେ ଦେଖିବାକୁ ମିଳୁଛି। ପୁସ୍ତକ, ଚିତ୍ର ଇତ୍ୟାଦିରେ ଅଶ୍ଳୀଳତା ମିଳିପାରେ। ଯଦି ନିଲାମ ହୁଏ, ତେବେ କଟକଣା ଲାଗିପାରେ। ସିଜେଆଇ କହିଛନ୍ତି, ବ୍ୟକ୍ତିଗତ ୟୁଟ୍ୟୁବ ଚ୍ୟାନେଲ କିମ୍ବା ପ୍ଲାଟଫର୍ମରେ କଣ୍ଟେଣ୍ଟ ପକାଇବା ଉପରେ କେହି କାହିଁକି ଉତ୍ତରଦାୟୀ ନୁହେଁ ? ଅଭିବ୍ୟକ୍ତିର ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହାକୁ 'ବିକୃତ' ଭାବରେ ଦେଖାଇବାକୁ ଅନୁମତି ଦିଆଯାଇପାରିବ ନାହିଁ। ଓଟିଟି ପ୍ଲାଟଫର୍ମଗୁଡ଼ିକ କହିଛନ୍ତି ଯେ ସେମାନେ ସ୍ୱେଚ୍ଛାକୃତ ଭାବରେ ଡିଜିଟାଲ୍ ମିଡିଆ ଏଥିକ୍ସ କୋଡ୍ ପାଳନ କରୁଛନ୍ତି, କିନ୍ତୁ ସିଜେଆଇ ଏହାକୁ ଅପର୍ଯ୍ୟାପ୍ତ ବୋଲି କହିଛନ୍ତି।

# କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ଜାରି ହେଲା କଟକଣା

**ପୁରୀ, ୨୭/୧୧ ନ୍ୟୁଜ ବ୍ୟୁରୋ**

ଶୀତର ଆଗମନ ସହିତ ଓଡ଼ିଶା ଉପକୂଳ ଏବେ ବିଦେଶୀ ଅତିଥି ଅଲିଭ ରିଡ୍‌ଲେ କଇଁଛଙ୍କ ପାଇଁ ଚଳଚଞ୍ଚଳ ହୋଇଉଠିଛି। ବର୍ତ୍ତମାନ ସମୟରେ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ଋତୁ ଚାଲିଛି। ହଜାର ହଜାର ମାଇଲ ଦୂର ଅତିକ୍ରମ କରି ଏହି ବିରଳ ପ୍ରଜାତିର କଇଁଛମାନେ ଓଡ଼ିଶାର ଗହୀରମଥା ଓ ଋଷିକୁଲ୍ୟା ମୁହାଣ ଭଳି ଉପକୂଳକୁ ଅଣ୍ଡାଦାନ ପାଇଁ ଆସିଥାନ୍ତି। କଇଁଛଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ବନବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମୁଦ୍ର ମଧ୍ୟରେ କଇଁଛଙ୍କ ମିଳନ ପ୍ରକ୍ରିୟା ଚାଲିଥିବାରୁ ମାଛଧରା ଉପରେ କଡ଼ା କଟକଣା ଜାରି କରାଯାଇଛି । ବିଶେଷକରି ଯାନ୍ତ୍ରିକ ଡଙ୍ଗା ଓ ଟ୍ରଲର ଚଳାଚଳ ଉପରେ ରୋକ୍ ଲଗାଯାଇଛି, କାରଣ ଟ୍ରଲର ମାଡ଼ରେ ଅନେକ ସମୟରେ କଇଁଛଙ୍କ ମୃତ୍ୟୁ ଘଟିଥାଏ । ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସମୟରେ ସ୍ଥାନୀୟ ଅଞ୍ଚଳକୁ ଏକ 'ହାଇସିକ୍ୟୁରିଟି ଜୋନ୍' ବା ଉଚ୍ଚ ସୁରକ୍ଷା ବଳୟ ଭାବେ ଘୋଷଣା କରାଯାଇଛି ।